
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୧ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 DECEMBER 2022
Vol.No. 33 ■ No. 312 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭାରତ ସହ ଆମ ସମ୍ପର୍କରେ ହସ୍ତକ୍ଷେପ କରନି: ଆମେରିକା ଅଧିକାରୀଙ୍କୁ ଚାଇନାର ଚେତାବନୀ

ୱାଶିଂଟନ, ୩୦/୧୧ (ନି.ପ୍ର): ଭାରତ ସହ ଚାଇନାର ସମ୍ପର୍କ ପ୍ରସଙ୍ଗରେ ହସ୍ତକ୍ଷେପ ନ କରିବାକୁ ଆମେରିକାର ଅଧିକାରୀମାନଙ୍କୁ ଚେତାବନୀ ଦେଇଛି ବେଜିଂ। ପେଣ୍ଟାଗନ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଏପରି ତଥ୍ୟ ରହିଛି। ଆମେରିକା କଂଗ୍ରେସକୁ ପେଣ୍ଟାଗନ ଏହି ରିପୋର୍ଟ ମଧ୍ୟ ଦେଇଛି। ମଙ୍ଗଳବାର ଆମେରିକା କଂଗ୍ରେସରେ ପେଣ୍ଟାଗନ ଉପସ୍ଥାପନ କରିଥିବା ରିପୋର୍ଟରେ କହିଛି ଯେ ଭାରତ ସହ ଏଲଏସିରେ ଚାଲିଥିବା ସୀମା ବିବାଦ ଗୋଟିଏ ଗମ୍ଭୀର ପ୍ରସଙ୍ଗ ହୋଇଥିଲେ ହେଁ ଏହାକୁ ହାଲୁକା କରି ଦେଖାଇବାକୁ ଚାଇନା ଅଧିକାରୀମାନେ ଚେଷ୍ଟା କରିଛନ୍ତି। ସୀମାରେ ସ୍ଥିରତା କାଏମ ରଖିବା ପାଇଁ ବେଜିଂ ଲକ୍ଷ୍ୟ ରଖିଛି ଓ ଭାରତ ସହ ଅନ୍ୟ ଅଞ୍ଚଳରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ବିବାଦରୁ ଦୂରେଇ ରଖିବାକୁ ଚାଇନା ଚାହୁଁଥିବା ପେଣ୍ଟାଗନ ତା' ରିପୋର୍ଟରେ ଜୋର ଦେଇ କହିଛି। ଚାଇନିଜ



ମିଲିଟାରୀର ସ୍ଥିତାବସ୍ଥା ସମ୍ପର୍କରେ ପେଣ୍ଟାଗନ ତା' ରିପୋର୍ଟରେ କହିଛି ଯେ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ବା ପିଆରସି ଭାରତ ସହ ସୀମା ବିବାଦ କମ କରିବାକୁ ଚାହୁଁଛି। ଭାରତ ଯେମିତି ବିବାଦ କାରଣରୁ ଆମେରିକାର ନିକଟବର୍ତ୍ତୀ ନ ହେବ, ସେଥିପାଇଁ ଚାଇନା ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛି। ଖାସ ଏଥିପାଇଁ ପିଆରସି ଅଧିକାରୀମାନେ ଆମେରିକା ଅଧିକାରୀମାନଙ୍କୁ ଭାରତ ସହ ବେଜିଂର ସମ୍ପର୍କ ପ୍ରସଙ୍ଗରେ ହସ୍ତକ୍ଷେପ ନ କରିବାକୁ କହିଛନ୍ତି। ଭାରତ-ଚାଇନା ସୀମାର ଗୋଟିଏ ଅଂଶରେ ୨୦୨୧ ମସିହାରେ ପିଏଲଏ ସୈନ୍ୟମାନଙ୍କୁ ମୁତୟନ କରିଥିଲା। ଏହି ସମୟରେ ସୀମାନ୍ତ ଅଞ୍ଚଳରେ ଚାଇନା ପକ୍ଷରୁ ବିଭିନ୍ନ ପ୍ରକାରର ଭିତ୍ତିଭୂମି ନିର୍ମାଣ କରାଯାଇଥିଲା। ଆଲୋଚନା ଦ୍ୱାରା ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ଏଥିରୁ ବହୁତ କମ ଫଳ ମିଳିଥିଲା। କାରଣ ଉଭୟ ଦେଶ ନିଜ ନିଜ ସ୍ଥାନରୁ ପଛକୁ ହଟିବା ପାଇଁ ନାରାଜ ରହିଛନ୍ତି। ଉଭୟ ଦେଶ ପରସ୍ପରର ସୈନ୍ୟ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି। ଏଥିସହ ବିବାଦ ପୂର୍ବର ସ୍ଥିତାବସ୍ଥା କାଏମ ରଖିବାକୁ ପ୍ରସ୍ତାବ ଦେଉଛନ୍ତି। କିନ୍ତୁ ଭାରତ କିମ୍ବା ଚାଇନା କେହି ବି ଏଥିରେ ରାଜି ହେଉନାହାନ୍ତି। ଏଥିସପାଇଁ ସୀମାରେ ଟକରାଟକରି ସ୍ଥିତି ସୃଷ୍ଟି ହୋଇଛି। ବିବାଦ ପାଇଁ ଚାଇନା ସବୁବେଳେ ସୀମାନ୍ତରେ ଭାରତ କରିଥିବା ଭିତ୍ତିଭୂମି ନିର୍ମାଣ କାମକୁ ଦାୟୀ କରୁଛି। ଭାରତ ମଧ୍ୟ ଚାଇନା ସୈନ୍ୟ ଆକ୍ରମଣାତ୍ମକ ଭାବେ ଭାରତୀୟ ସୀମାରେ ପ୍ରବେଶ କରିଥିବା ଦାବି କରୁଛି। ୨୦୨୦ ଗଲୱାନ ଭ୍ୟାଲି ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥିଲା। ୪୬ ବର୍ଷ ମଧ୍ୟରେ ସୀମାରେ ଏପରି ସ୍ଥିତି ସମସ୍ତଙ୍କୁ ବିଚଳିତ କରିଥିଲା ବୋଲି ରିପୋର୍ଟରେ କୁହାଯାଇଛି। ସୂଚନାଯୋଗ୍ୟ, ୨୦୨୦ ମେ' ମାସରୁ ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଆରମ୍ଭ ହୋଇଥିଲା। ଏହି ସୀମା ବିବାଦ ୨୦୨୦ ଜୁନ ୧୫ରେ ଭୟଙ୍କର ରୂପ ଧାରଣ କରିଥିଲା। ଗଲୱାନ ଘାଟିରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ୨୦ ଜଣ ଭାରତୀୟ ଯବାନ ସହିଦ ହୋଇଥିଲା। ସେହିପରି ଚାଇନା ସଂଘର୍ଷରେ ୪ ଜଣ ଯବାନ ହରାଇଥିବା କହିଥିଲା।

## ଆରମ୍ଭ ହେଲା ମେକ୍ ଇନ୍ ଓଡ଼ିଶା କନକ୍ଲେଭର ତୃତୀୟ ସଂସ୍କରଣ



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଆଜି ଉଦଘାଟିତ ହୋଇଛି ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୨। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏହି ବାଣିଜ୍ୟ ମହାକୁମ୍ଭକୁ ଉଦଘାଟନ କରିଛନ୍ତି । ଦେଶ-ବିଦେଶର ଶିଳ୍ପପତିଙ୍କୁ ନେଇ ଭୁବନେଶ୍ୱରର ଜନତା ମୈଦାନରେ ଏହା ଆରମ୍ଭ ହୋଇଛି । କନକ୍ଲେଭର ଏହି ତୃତୀୟ ସଂସ୍କରଣରେ ଶହେରୁ ଅଧିକ ଶିଳ୍ପପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦୁଇଟି ସଂସ୍କରଣ ତୁଳନାରେ ଏଥର ଅଧିକ ନିବେଶ ପ୍ରସ୍ତାବ ଆସିବା ନେଇ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଏଥର ୭ଟି ପ୍ରମୁଖ କ୍ଷେତ୍ର ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରାଯାଇଛି । ଏହି ୭ଟି କ୍ଷେତ୍ର ହେଲା- ମେଟାଲ ଓ ମିନେରାଲ, ପେଟ୍ରୋଲିୟମ, ଟେକ୍ସଟାଇଲ, ଫୁଡ ପ୍ରୋସେସିଙ୍ଗ, ଅକ୍ଷୟ ଶକ୍ତି, ପର୍ଯ୍ୟଟନ ଓ ଆଇଟି ସେକ୍ଟରକୁ ଅଧିକ ଫୋକସ କରାଯାଇଛି । ମେକ୍ ଇନ୍ ଓଡ଼ିଶାର ଏହି ତୃତୀୟ ସଂସ୍କରଣରେ ଜାପାନ, ନରୱେ ଏବଂ ଜର୍ମାନୀ କଂଟ୍ରି ପାର୍ଟନର ଥିବା ବେଳେ ମିତଲ, ବିର୍ଲା, ବେଦାନ୍ତ, ଜିନ୍ଦଲ କମ୍ପାନୀ ଭଳି ବଡ଼ ବଡ଼ କମ୍ପାନୀର ମୁଖ୍ୟମାନେ ଯୋଗ ଦେବେ । ରିବନ କାଟି ମୁଖ୍ୟମନ୍ତ୍ରୀ ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୨କୁ ଉଦଘାଟନ କରିଥିବା ବେଳେ ଜାପାନ, ଜର୍ମାନୀ, ନରୱେ ଓ ନେପାଳର ରାଷ୍ଟ୍ରଦୂତ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଜିଦରେ ଅଟଳ ଆଇନଜୀବୀ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାନିଲେନି ସମ୍ବଲପୁର ଆଇନଜୀବୀ । ସ୍ଥାୟୀ ବେଞ୍ଚ ଦାବିରେ ଆଜି ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲେ ସମ୍ବଲପୁର ଓକିଲ ସଂଘ । କିନ୍ତୁ ଓକିଲଙ୍କ ଆନ୍ଦୋଳନକୁ ହଟାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆନ୍ଦୋଳନ ସ୍ଥଳରେ ପହଁଚିଥିଲା ପୋଲିସ୍ । କଚେରି ଛକରେ ଆନ୍ଦୋଳନ ପାଇଁ ବନ୍ଧା ଯାଇଥିବା ଟେଣ୍ଟକୁ ଭାଙ୍ଗିଥିଲା । ପୋଲିସ ଟେଣ୍ଟ ଭାଙ୍ଗୁଥିବା ସମୟରେ ଓକିଲ ଓ ପୁଲିସ ମୁହାଁମୁହିଁ ହୋଇଛନ୍ତି । ପ୍ରତିଥର ଭଳି ବୁଧବାର. ସ୍ୱାଭାବିକ ଢ଼ଙ୍ଗରେ ଆନ୍ଦୋଳନକୁ ଓହ୍ଲାଇଥିଲେ ଆଇନଜୀବୀ । ପ୍ରଥମରୁ ପ୍ରଥମରୁ ସବୁ କିଛି ଠିକ୍ଠାକ୍ ଚାଲିଥିଲା । ହାଇକୋର୍ଟ ବେଞ୍ଚ



ଦାବିରେ ସମ୍ବଲପୁରରେ ଆନ୍ଦୋଳନ ଚାଲିଥିଲା । ହେଲେ ପ୍ରଶାସନର ହସ୍ତକ୍ଷେପ ପରେ ପୁଲିସ୍ କର୍ମଚାରୀମାନେ ଯେତେବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆଇନଜୀବୀଙ୍କ ଟେଣ୍ଟ ଖୋଲିବାକୁ ଉଦ୍ୟମ କରିଥିଲେ, ଆରମ୍ଭ ହୋଇଯାଇଥିଲା ମୁହାଁମୁହିଁ ପରିସ୍ଥିତି । ପୁଲିସ-ଆଇନଜୀବୀ ଧସ୍ତାଧସ୍ତି ହୋଇଥିଲେ, ଠେଲାପେଲା ହୋଇଥିଲେ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ନେଇ ସମ୍ବଲପୁରରେ ଚାଲିଥିବା ଏହି ଆନ୍ଦୋଳନରେ ଯେ, କେବଳ ଆଇନଜୀବୀ ସାମିଲ ହୋଇ ପ୍ରତିବାଦ କରୁଥିଲେ ତାହା ନୁହେଁ ବରଂ ସମ୍ବଲପୁରର ସାଧାରଣ ଜନତା ମଧ୍ୟ ସାମିଲ ହୋଇଛନ୍ତି । ଆଉ ଏସବୁ ଭିତରେ ରାଜନୈତିକ ଦଳର ସମର୍ଥନ ▶▶ପୃଷ୍ଠା ୭

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଅବଧି ମାସେ ବଢ଼ିଲା

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ଗାଡି ଚାଳକଙ୍କୁ ପୁଣି ମାସେ ମହଲତ ମିଳିଛି । ଯେଉଁ ସବୁ ଗାଡ଼ିର ନମ୍ବର ପ୍ଲେଟ୍ ର ଶେଷ ଅଙ୍କ ୧, ୨, ୩, ୪ ରହିଛି, ଉକ୍ତ ଗାଡ଼ିଗୁଡ଼ିକର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ଅବଧିକୁଡିସେମ୍ବର ୩୧ ଯାଏଁ ବୃଦ୍ଧି କରାଯାଇଛି। ଡିସେମ୍ବର ୩୧ ଯାଏଁ ସମୟସୀମା ବୃଦ୍ଧି ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର । ଏହି ସମୟସୀମା ମଧ୍ୟରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ବୁକିଂ ହୋଇଥିଲା କୌଣସି କାର୍ଯ୍ୟାନୁଷ୍ଠାନ ହେବନି ବୋଲି ବି ଉଲ୍ଲେଖ କରିଛନ୍ତି ରାଜ୍ୟ ସରକାର ।

## ରାଜ୍ୟରେ ଶିକ୍ଷକ ଅଭାବ ପ୍ରସଙ୍ଗରେ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ରାଜ୍ୟରେ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ଓ ଅଣ ଶିକ୍ଷକ ମାନଙ୍କ ପଦବୀ ଖାଲି ପଡିଥିବା କାରଣରୁ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ଆଜି ବିଧାନସଭାରେ ଉଦବେଗ ପ୍ରକାଶ କରିଥିଲେ । ବିଜେଡି ବିଧାୟକ ଅମର ପ୍ରସାଦ ସତପଥୀ ଓ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ଏ ସମ୍ପର୍କିତ ପ୍ରଶ୍ନ ଉପରେ ଆଲୋଚନା ବେଳେ ବିଧାୟକ ମାନେ ଏହାକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ। ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଦୀର୍ଘ ସମୟ ଧରି ଏହି ପ୍ରସଙ୍ଗ ଉପରେ ସରଗରମ ଆଲୋଚନା ହୋଇଥିଲା । ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶଙ୍କ ପାଇଁ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରଶ୍ନର ଉତର ଦେଇଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ନରସିଂହ ମିଶ୍ର ବଲାଙ୍ଗିର ମହିଳା କଲେଜରେ ପ୍ଲସ ୨ ବିଜ୍ଞାନ ପାଠ୍ୟକ୍ରମ ଖୋଲିବା ପରେ ସେଠାରେ ଗୋଟିଏ ହେଲେ ଅଧ୍ୟାପକ ନିଯୁକ୍ତି ନ ଦିଆ ଯିବା ପ୍ରସଙ୍ଗକୁ ନେଇ ପ୍ରଶ୍ନ କରିଥିଲେ । ବିଜେପି ବିଧାୟକ ଭାସ୍କର ମଢେଇ କହିଥିଲେ ଯେ ଅନେକ ସ୍ଥାନରେ ବିଇଓ ଓ ଡିଇଓ ପଦବୀ ଖାଲି ରହିଥିବା କାରଣରୁ ଶିକ୍ଷା ବ୍ୟବସ୍ଥା ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି । ବିଜେଡି ବିଧାୟକ ଡା ନୃସିଂହ ସାହୁ କହିଥିଲେ ଯେ ଅନେକ ବିଦ୍ୟାଳୟରେ ▶▶ପୃଷ୍ଠା ୭

## ଓଆରଏଚଡିସି ଦୁର୍ନୀତି ମାମଲାରେ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ(ଓଆରଏଚଡିସି) ଋଣ ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ପୁଣି ସଜା ଶୁଣାଇଛନ୍ତି ଭିଜିଲାନ୍ସ କୋର୍ଟ।, ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି ଭିଜିଲାନ୍ସ କୋର୍ଟ । ଜରିମାନା ଅନାଦେୟ ହେଲେ ୬ ମାସ ଅଧିକ ଜେଲଦଣ୍ଡ ମିଳିବ। ଏହି ମାମଲାର



ଶୁଣାଣି କରି ବୁଧବାର ଦିନ ଭିଜିଲାନ୍ସ କୋର୍ଟ ୬ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ, ପୂର୍ବତନ ଆଇଏଏସ୍ ତଥା ଓଆରଏଚ୍ ଡିସିର ତତ୍କାଳୀନ ଏମ୍‌ଡି ବିନୋଦ କୁମାର, କଂପାନି ସଚିବ ସ୍ୱସ୍ତିରଂଜନ ମହାପାତ୍ର, ଜୁନିଅର ଲୋନ୍ ଅଫିସର ସତ୍ୟପ୍ରକାଶ ବେହେରା, ଆସିଷ୍ଟାଂଟ ସିଷ୍ଟମ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ, ପରିଚାଳନା ନିର୍ଦ୍ଦେଶକ ଦେବଦତ ରାୟ ଓ ଭୂମିକା ବିଲ୍ଡରସ୍ ପ୍ରାଇଭେଟ ଲିମିଟେଡର ଅଂଶୀଦାର ବିଭୂତି ଭୂଷଣ ସ୍ୱାଇଁ।

## ଚାଷୀ ପ୍ରସଙ୍ଗରେ ଡିସେମ୍ବର ୨ରେ ବିଧାନସଭା ଘେରିବ ବିଜେପି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ରାଜ୍ୟ ସରକାର ୨୩ବର୍ଷ ଶାସନ ଗାଦିରେ ରହିବି ଚାଷୀଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ପ୍ରତିକୂଳ ପରିସ୍ଥିତିରେ ମୁଣ୍ଡ ଝାଡ ତୁଣ୍ଡରେ ମାରି ରାଜ୍ୟକୁ ଅନ୍ନ ଯୋଗାଉ ଥିବା ଅନ୍ନଦାତାଙ୍କୁ ସବୁବେଳେ ଭଣ୍ଡେଇ ଆସୁଛନ୍ତି ରାଜ୍ୟ ସରକାର। କେବଳ ପଂଚାୟତ ନିର୍ବାଚନ, ସାଧାରଣ ନିର୍ବାଚନ ବା ଉପନିର୍ବାଚନ ଆସିଲେ କ୍ଷମତାଲୋଭି ମୁଖ୍ୟମନ୍ତ୍ରୀ ଯୋଜନା ପରେ ଯୋଜନା କରି ଚାଷୀଙ୍କୁ ମିଛ ପ୍ରତିଶ୍ରୁତି ଦେଇଥାନ୍ତି। ଗତ ୧୮ତାରିଖ ଠାରୁ ୧୩ଦିନ ଧରି ବିଧାନସଭା ସମ୍ମୁଖରେ ଚାଷୀର ହକ୍ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସତ୍ୟାଗ୍ରହ ଚାଲୁ ରହିଥିଲେ ହେଁ ସରକାର ଚାଷୀଙ୍କ ପାଇଁ କୌଣସି ଚିନ୍ତା କଲେ ନାହିଁ। ମୁଖ୍ୟମନ୍ତ୍ରୀ ବିଧାନସଭା ଗୃହକୁ ଆସୁନାହାନ୍ତି ଓ ବିଜେପିର ବିଧାୟକମାନେ ଚାଷୀ କଥା କହୁଥିବା ବେଳେ ଶାସକ ଦଳ ଚାଷୀ ସମ୍ପର୍କରେ ଆଲୋଚନାକୁ ସହଯୋଗ କରୁନାହିଁ। ଚାଷୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଏଭଳି ମନୋଭାବକୁ କଡାଭାବେ ବିରୋଧ କରୁଛି ବିଜେପି। ଆଗାମୀ ଡିସେମ୍ବର ୨ତାରିଖରେ ସରକାରଙ୍କୁ ଘେରିବ ବିଜେପି। ବିଜେପି ନେତୃତ୍ୱରେ ଚାଷୀମାନେ ବିଧାନସଭା ଘେରାଉ କରିବେ ବୋଲି ଦଳର ରାଜ୍ୟ ସାଧାରଣ ସପାଂଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଚାଷୀ ନିଜର ହକ୍ ପାଇଁ ରାଜ୍ୟ ସାରା ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଛି। ରାଜ୍ୟ ସରକାର ଅନ୍ନଦାତାଙ୍କ ପ୍ରତି ସବୁବେଳେ ଅବିଚାର କରି ତାଙ୍କୁ ନ୍ୟାୟ ଦେଉନାହାନ୍ତି ବୋଲି ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଯଦି ଚାଷୀଙ୍କ ଦାବି ନମାନନ୍ତି ତାହାଲେ ଚାଷୀମାନେ ହିଁ ବିଜେଡି ସରକାରର ପତନ ଆଣିବେ ବୋଲି ସତ୍ୟାଗ୍ରହରେ ଯୋଗ ଦେଇ ଶ୍ରୀ ପାଣି କହିଛନ୍ତି।

## ପୁଣି ଜୀବନ ନେଲା ବିଏମସି ଅଳିଆ ଗାଡି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ପୁଣି ଏକ ଜୀବନ ନେଲା ବିଏମସି ଅଳିଆ ଗାଡ଼ି । ପୁଅ ଆଖି ଆଗରେ ଚାଲିଗଲା ମା'ର ଜୀବନ । ପୁଅ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି । ଆଜି ଅପରାହ୍ନ ୪ଟା ବେଳେ ଭୁବନେଶ୍ୱର ଭିଏସଏସ୍ ନଗର ଅଳିଆ ଗଦା ନିକଟରେ ଏହି ଦୁର୍ଘଟଣା ଘଟିଛି । ମୃତକ ଜଣକ ଏକ ବାଇକରେ ଯାଉଥିବା ବେଳେ ପଛରୁ ଧକ୍କା ଦେଇଥିଲା ଟ୍ରକ୍ । ଦୁର୍ଘଟଣା ପରେ ପ୍ରାୟ ୧୦୦ ମିଟର ଦୂରକୁ ମୃତ ଦେହ ଘୋଷାଡି ନେଇଥିଲା । ପ୍ରତିଦିନ ଭଳି ଭିଏସଏସ୍ ନଗର ଅଳିଆ ଗଦାରୁ ଏହି ଟ୍ରକ୍ ଅଳିଆ ନେଇ ଦାରୁଠେଙ୍ଗ ଯାଉଥିଲା ।



ଡ୍ରାଇଭରର ବେପରୁଆ ଗାଡ଼ି ଚାଳନା ପାଇଁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି । ସେପଟେ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଛି । ଘଟଣା ପରେ ସ୍ଥାନୀୟ ଲୋକ ମୃତଦେହକୁ ରଖି ରାସ୍ତା ଅବରୋଧ କରିଥିଲେ । ଭିଏସଏସନଗର-ସୈନିକ ସ୍କୁଲ ରାସ୍ତାକୁ ଅବରୋଧ କରାଯାଇଥିବା ଲଙ୍କାକାଣ୍ଡ ହୋଇଥିଲା । ପୁଲିସ-ଜନତା ମୁହାଁମୁହିଁ ହୋଇଥିଲେ । ପୁଲିସ ଉପରକୁ ଢେଲା ଓ ପଥରମାଡ ହୋଇଥିଲା । ପୁଲିସ ଲୋକଙ୍କ ଉପରେ ମୃଦୁ ଲାଠିଚାର୍ଜ କରିଥିଲା ।

## ଏଏସ୍‌ଓ ପରୀକ୍ଷାକୁ ନେଇ ହାଇକୋର୍ଟରେ ପୁଣି ଏକ ମାମଲା

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ଏଏସ୍‌ଓ ପରୀକ୍ଷାକୁ ନେଇ ହାଇକୋର୍ଟରେ ପୁଣି ଏକ ମାମଲା ହୋଇଛି। ଚୟନ ପାଇଁ ବିଷୟ ଭିତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦକୁ ଦାବି କରି ହାଇକୋର୍ଟରେ ସାନି ମାମଲା ଦାୟର କରିଛନ୍ତି କିଛି ପରୀକ୍ଷାର୍ଥୀ । ବିଷୟ ଭିତିକ ସର୍ବନିମ୍ନ ମାର୍କ ଉଠାଇ ମେରିଟ ଲିଷ୍ଟ ପ୍ରକାଶ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ହାଇକୋର୍ଟ ନିବେଦନକୁ ଗ୍ରହଣ କରି ଓପିଏସସିକୁ ଆବେଦନର କପି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଦ୍ୱିତୀୟ ଦିନରେ ବି ବର୍ଷିଲେ ଧର୍ମେନ୍ଦ୍ର : ନବୀନଙ୍କୁ କଲେ ନିଶାନା

ନୂଆଦିଲ୍ଲୀ, ୩୦/୧୧ : ପ୍ରଚାରର ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନରେ ବି ପଦ୍ମପୁର ନିର୍ବାଚନୀ ସଭାରୁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ଜୋରଦାର ବର୍ଷିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଥମ ଦିନରେ ଯେଉଁ ସବୁ ପ୍ରସଙ୍ଗ ଉଠାଇଥିଲେ ସେସବୁ ପ୍ରସଙ୍ଗ ଉଠାଇବା ସହ ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି । କହିଛନ୍ତି, କେନ୍ଦ୍ର ସରକାର ଟଙ୍କା ଦେଉଥିବାବେଳେ ଅଳ୍ପ କିଛି ଦେଇ ବାଃ ବାଃ ନେଉଛନ୍ତି ରାଜ୍ୟ ସରକାର । ମାଛ ତେଲରେ ମାଛ ଭାଜିବା ଚାଲାକ ଲୋକଙ୍କ କାମ । ସେହିପରି ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ପରେ, ସାମ୍ବାଦିକ ସମ୍ମିଳନୀ କରି ବୟାନକୁ ଖଣ୍ଡନ କରିଛନ୍ତି ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ । ପ୍ରଥମ ଦିନରେ ଯେଉଁ ସବୁ ପ୍ରସଙ୍ଗ ଉଠାଇଥିଲେ ସେସବୁ ପ୍ରସଙ୍ଗ ଉଠାଇବା ସହ ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ମଙ୍ଗଳବାର ମିଶନ ଶକ୍ତି ମହିଳାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବିନା ସୁଧରେ ୫ଲକ୍ଷ ଟଙ୍କା ଋଣ ଦେବାକୁ କଟାକ୍ଷ କରିଛନ୍ତି । କହିଛନ୍ତି, କେନ୍ଦ୍ର ସରକାର ଟଙ୍କା ଦେଉଥିବାବେଳେ ଅଳ୍ପ କିଛି ଦେଇ ବାଃ ବାଃ ନେଉଛନ୍ତି ରାଜ୍ୟ



ସରକାର । ମାଛ ତେଲରେ ମାଛ ଭାଜିବା ଚାଲାକ ଲୋକଙ୍କ କାମ । ସେହିପରି ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । କହିଛନ୍ତି, ବିଜେଡି ନେତା ହିସାବରେ ନୁହେଁ ମୁଖ୍ୟମନ୍ତ୍ରୀ ଭାବରେ ପଦ୍ମପୁରକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କରନ୍ତୁ ନବୀନ । ତେବେ ବିଧାୟିକା କୁସୁମ ଟେଟେଙ୍କ ବିରୋଧରେ ମାମଲାକୁ ନେଇ ବର୍ଷିଛନ୍ତି ଧର୍ମେନ୍ଦ୍ର । କହିଛନ୍ତି, ନାଗଫାଶରେ ଥିବା ନେତା ଏଠି ପଞ୍ଚାୟତରେ ପ୍ରଚାର କରୁଛନ୍ତି । ଚିଟଫଣ୍ଡରେ ସମ୍ପୃକ୍ତ ଥିବା ନେତା ଏଠି ଅଛନ୍ତି । କିନ୍ତୁ ଲୋକଙ୍କ ପାଇଁ ସ୍ୱର ଉଠାଉଥିବା ଲୋକଙ୍କ ବିରୋଧରେ ମାମଲା ହେଉଛି । ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ପରେ, ସାମ୍ବାଦିକ ସମ୍ମିଳନୀ କରି ବୟାନକୁ ଖଣ୍ଡନ କରିଛନ୍ତି ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ । ପ୍ରେସମିଟ୍ କରି କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ କଥା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ତଥ୍ୟକୁ ଭୁଲଭାବେ ଉପସ୍ଥାପନ କରୁଛି ବିଜେପି । ▶▶ପୃଷ୍ଠା ୭

# ସିଲେଟ ପଂଚାୟତର ପାଂଚ ବିଦ୍ୟାଳୟରେ ନିୟମିତ ପାଠପଢ଼ା ହେଉନି

ଭବାନୀପାଟଣା, ୩୦/୧୧ (ନି.ପ୍ର): କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଗ୍ରାମାଂଚଳ ହେଉ କିମ୍ବା ସହରାଂଚଳ ଶିକ୍ଷାର ବିକାଶ ପାଇଁ ଅହରହ ପ୍ରୟାସ କରୁଛନ୍ତି, ଏବଂ କୋଟି କୋଟି ଟଙ୍କା ମଧ ଖର୍ଚ୍ଚ କରୁଛନ୍ତି, ଶିକ୍ଷାରୁ କେହି ଯେପରି ବଂଚିତ ନ ରହିବେ ବୋଲି ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁର ନାରା ଦେଉଥିବା ବେଳେ, ଏଠି କିଛି ଓଲଟା ଚିତ୍ର ଦେଖିବାକୁ ମିଳୁଛି, ଦୁର୍ଭାଗ୍ୟର ବିଷୟ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଂଚଳ ଥୁଆମୁଲ ରାମପୁର ବ୍ଲକ୍ ଅନ୍ତର୍ଗତ ସିଲେଟ୍ ପଂଚାୟତ ଅଧିନସ୍ଥ ବିଲାମାଲ, କାନ୍ଧୁଲ ଗୁଡା, ମାଳତୀ ପଦର,ସିଲେଟ, ଦାଣ୍ଡ ପଦର, ଗ୍ରାମ ଗୁଡ଼ିକରେ ରହିଛି ସରକାରି ପ୍ରାଥମିକ ବିଦ୍ୟାଳୟ, ହେଲେ ସେଠାରେ ସ୍କୁଲ ଗୃହ, କ୍ଲାସ ରୁମ୍, ବ୍ଲାକ ବୋର୍ଡ ଏବଂ ଶିକ୍ଷକ ମଧ ନିଯୁକ୍ତ ହୋଇଛନ୍ତି । ହେଲେ ଗ୍ରାମବାସୀଙ୍କ କହିବା ଅନୁଯାୟୀ, କୋଉଠି ତିରିଶିରୁ ଚାଳିଶି ତ କୋଉଠି ଚାଳିଶିରୁ ପଚାଶ ଜଣ ଛାତ୍ରଛାତ୍ରୀ ଅଛନ୍ତି । ହେଲେ ସ୍କୁଲକୁ ଶିକ୍ଷକ ମାସକୁ ଥରେ ଦୁଇ ଥର ତ କୋଉଠି ସଂପୂର୍ଣ୍ଣ ଭାବରେ ଆସୁନଥିବା ଗ୍ରାମବାସି ମାନେ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ କହିବାନୁଯାୟୀ, ଶିକ୍ଷ୍ୟା ବ୍ୟବସ୍ଥା ସଂପୂର୍ଣ୍ଣ ଠପ୍ ହୋଇଯାଇଛି, ଏବଂ କୋଉଠି ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରଛାତ୍ରୀ ମାନେ ଘରେ ରହି ଖେଳକୁଦ କରୁଛନ୍ତି ତ କୋଉଠି ମଧ୍ୟାହ୍ନ ଭୋଜନ ସଂପୂର୍ଣ୍ଣ ବନ୍ଦ ରହିଥିବା କହିଛନ୍ତି, ଏଠାରେ ପ୍ରଶ୍ନବାଚି ଉଠୁଛି, ବଡ଼ ବଡ଼ ଶିକ୍ଷ୍ୟା ଦାୟିତ୍ୱରେ ଥିବା ଡିଇଓ, ବିଇଓ, ସିଆରସି ଭଳି ଶିକ୍ଷ୍ୟା ଅଧିକାରି ବାବୁମାନେ କଣ କରୁଛନ୍ତି, ଦୃଷ୍ଟି କେମିତି ପଡୁନାହିଁ, କି ଜାଣିଶୁଣି ନ ଜାଣିଲା ପରି ଅଭିନୟ କରୁଛନ୍ତି, ଗ୍ରାମବାସୀଙ୍କ କହିବା ଅନୁଯାୟୀ, କେବେ କେମିତି ମାସକୁ ଥରେ ଦୁଇ ଥର ଆସି କାମ ସାରି ଗଣେଶ ପୂଜା ହେଉ କି ଫ୍ଲାଗ ଉତୋଳନ କରିବା ପାଇଁ ମାତ୍ର ଆସନ୍ତି ନ ହେଲେ ଟୋଟାଲ ଆସନ୍ତି ନାହିଁ। ଏମିତି ଚାଲିଛି ଶିକ୍ଷ୍ୟା ବ୍ୟବସ୍ଥା, ପିଲା ପଢ଼ିଲେ କେତେ କି ନ ପଢ଼ିଲେ କେତେ ଶିକ୍ଷକ ମାସକୁ ଦରମା ପାଇଲେ ହେଲା, ଏମିତି ଚାଲିଛି ଶିକ୍ଷ୍ୟା ବ୍ୟବସ୍ଥା। ଖବର ପ୍ରସାରଣ ପରେ ଆଖି ଖୋଲିବ କି ବନ୍ଦ ରହିବ ତାହା ସାଧାରଣରେ ଦେଖିବାକୁ ବାକି ରହିଲା।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୩୦/୧୧ (ନି.ପ୍ର): ଲଇକେରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୩୪ଗୋଟି ଅଭିଯୋଗ ଶୁଣାଣି ହୋଇଛି । ଏଥି ମଧ୍ୟରୁ ୬ଟି ସାମୁହିକ ଓ ୨୮ଟି ବ୍ୟକ୍ତିଗତ। ରେଙ୍ଗାଲବେଡ଼ା ରେ ଜଳନିଧି ଯୋଜନାରେ ବିଦ୍ୟୁତ ମିଟର ସଂଯୋଗ, ମୟୁରଡିମାରେ ଖରିଫ ଧାନ କ୍ରୟ, ମୁଦ୍ରାଜୋରରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯିବା, ଖଇରଡିହିରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ୬ଟି ସାମୁହିକ ଅଭିଯୋଗର ଶୁଣାଣି କରାଯାଇଥିଲା । ସେହିପରି ଲଇକେରା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଏଙ୍କ ନାମରେ ଅଭିଯୋଗ, ମଧୁବାବୁ ପେନସନ, ପଂଚାୟତ କମ୍ପ୍ଲେକ୍ସରେ ଦୋକାନ ଗୃହ ବଣ୍ଟନ, ଜମି ବିବାଦ, ବସ୍ତି ପ୍ଲଟ ଖାରଜ, କେନ୍ଦୁଡିହି ପଂଚାୟତରେ ନୂତନ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ, ଜମି ସୀମା ଚିହ୍ନଟ, ଘରଡିହ ଭାଗ ପାଇବା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଗାଣ ଆଦି ୨୮ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଅଭିଯୋଗ ଶିବିରରେ ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ୍ ପାଣ୍ଠିରୁ ପାଂଚ ଜଣଙ୍କୁ ପଚିଶ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏ ଦିଗରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ସୁବର୍ଣ୍ଣପୁରରେ ଜିଲ୍ଲା ନିଯୁକ୍ତି ମେଳା ଅନୁଷ୍ଠିତ

ସୁବର୍ଣ୍ଣପୁର, ୩୦/୧୧ (ନି.ପ୍ର): ଓଡିଶା ଦକ୍ଷତା ବିକାଶ କର୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ମିଳିତ ସହଯୋଗରେ ଜିଲ୍ଲା ନିୟୋଜନ ବିଭାଗ ଆନୁକୁଲ୍ୟରେ ଆଜି ଜିଲ୍ଲା ସଦର ମହକୁମା ସ୍ଥିତ ଟାଉନ୍ ହଲ୍ ଠାରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିୟୋଜନ ଅଧିକାରୀ ସଂଯୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ୍ ମିଞ୍ଜ୍ ମୁଖ୍ୟ ଅତିଥି ଭାବରେ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ଓ ଏହି ନିଯୁକ୍ତି ମେଳା ରେ ରାଜ୍ୟ ଭିତର ଏବଂ ରାଜ୍ୟ ବାହାରର ବିଭିନ୍ନ ୧୯ ଟି ସ୍ୱନାମଧନ୍ୟ ନିଯୁକ୍ତି ପ୍ରଦାନ କାରୀ ସଂସ୍ଥା ଅଂଶ ଗ୍ରହଣ କରିଥିଲେ ଓ ଜିଲ୍ଲା ର ସମସ୍ତ ଛଅ ଟି ବ୍ଲକ ରୁ ସହସ୍ରାଧିକ ଯୁବକ ଯୁବତୀ ଏହି ମେଳାରେ ନାମ ପଞ୍ଜୀକରଣ କରି ବିଭିନ୍ନ ମନପସନ୍ଦ ସଂସ୍ଥା ରେ ଯୋଗ ଦେବା ପାଇଁ ପଦକ୍ଷେପ ନେଇଥିଲେ ଇ ଆଜି ଏହି ନିଯୁକ୍ତି ମେଳାରେ ସମୁଦାୟ ୭୯୧ ଜଣ ଯୁବକ ଯୁବତୀ ନିଜର ନାମ ପଞ୍ଜିକରଣ କରିଥିବା ବେଳେ ବିଶେଷ ଭାବେ ଓ୍ୱରି ଫ୍ରି ଟେକ୍ନୋଲଜି ରେ ସର୍ବାଧିକ ୧୩୧ ଜଣ ଦ୍ୱିତୀୟ ରେ କେୟାର ଭିଜନ ପ୍ରାଇଭେଟ ଲିମିଟେଡ ରେ ୯୯ ଜଣ, ଜନ କଲ୍ୟାଣୀ ଫାଉଣ୍ଡସନ ରେ ୯୯ ଜଣ ଏବଂ ବେଦମାତା ଗ୍ରୁପ ପ୍ରାଇଭେଟ ଲିମିଟେଡ ରେ ୯୪ ଜଣ ନାମ ପଞ୍ଜୀକୃତ କରିଥିଲେ । ସେହିପରି ଟାଟା ମୋଟର୍ସ ରେ ୨୭ ଜଣ ଏବଂ ଜିଓ ଫାଇବର ରେ ୫୫ ଜଣ ଯୁବା ପଂଜିକୃତ କରିଛନ୍ତି କ୍ଷ କରୋନା ମହାମାରୀ ଯୋଗୁଁ ଦୁଇ ବର୍ଷ ଧରି ବନ୍ଦ ହୋଇ ରହିଥିବା ନିଯୁକ୍ତି ମେଳା ଏହି ବର୍ଷ ଅନୁଷ୍ଠିତ ହୋଇଥିବା ଯୋଗୁଁ ବହୁ ସଂଖ୍ୟାରେ ଯୁବା ବର୍ଗ ଆଗ୍ରହ ସହକାରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ନିୟୋଜନ ଅଧିକାରୀ ସଞ୍ଜୁ ସାହୁ ସ୍ୱାଗତ ଅବିଭାଷଣ ପ୍ରଦାନ ପୂର୍ବକ ସଭାର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଯୁବାବର୍ଗ ଙ୍କୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ ପାଇଁ ଏକ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ସଭା କୁ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ୬ ଦଫା ଦାବିରେ କୁଇ ସମାଜ ସେବା ସମିତି ପକ୍ଷରୁ ରାଲି ଓ ବିକ୍ଷୋଭ

କନ୍ଧମାଳ , ୩୦/୧୧ (ନି.ପ୍ର): ମଙ୍ଗଳବାର କୁଇ ସମାଜ ସେବା ସମିତି ଫୁଲବାଣୀ ଶାଖା ଆଜି ୬୯ତମ ପ୍ରତିଷ୍ଠା ଦିବସ ଫୁଲବାଣୀରେ ପାଳନ କରିଛି । ଏହି ଅବସରରେ ୬ ଦଫା ଦାବିରେ ସମିତି ପକ୍ଷରୁ ଫୁଲବାଣୀ ସହରରେ ବିରାଟ ଶୋଭାଯାତ୍ରା ସହିତ କରୋନେସନ ପଡ଼ିଆରେ ସାଧାରଣ ସଭା ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ସମିତିର ସଭାପତି ସୁଦର୍ଶନ କହଁର, ସମ୍ପାଦକ ଅବନୀ କହଁର, ଏସଡିସି ଅଧକ୍ଷ ରୋଦନ ମଲ୍ଲିକ, ଟ୍ରାଇଫେଡ଼ ଅଧକ୍ଷ ପବିତ୍ର କହଁର, ଫୁଲବାଣୀ ବିଧାୟକ ପ୍ରତିନିଧି ନୀଳାମ୍ବର କହଁରଙ୍କ ସମେତ ହଜାର ହଜାର ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ନାଚି ନାଚି ସ୍ଥାନୀୟ ମାଦିକୁନ୍ଦା ଛକରୁ ବିରାଟ ଶୋଭାଯାତ୍ରାରେ ବାହାରି ମୁଖ୍ୟ ରାସ୍ତା ଦେଇ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ବିକ୍ଷୋଭ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୬ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରିଥିଲେ । ତାପରେ କରୋନେସନ ପଡ଼ିଆରେ ଅନୁଷ୍ଠିତ ସଭାରେ କନ୍ଧମାଳ ଜିଲ୍ଲାରେ ପେସା ଆଇନ ଲାଗୁ କରିବା, ଜବରଦଖଲ ଜମି ମାଫିଆ ମାନଙ୍କ କବଳରୁ ଜମି ଉଦ୍ଧାର କରି ଭୂମିହୀନ କୁଇ ମାନଙ୍କୁ ଆବଣ୍ଟନ କରିବା, ଫୁଲବାଣୀ ସହର ସ୍ଥିତ ହାଟପଦା ଜାଗାରୁ ଜବରଦଖଲକାରିଙ୍କୁ ଉଛେଦ କରି ସ୍ଥାନୀୟ ଚାଷୀ ମାନଙ୍କ ପାଇଁ ସଂରକ୍ଷିତ ରଖିବା, କଳିଙ୍ଗା ବିଇଡ଼ କଲେଜକୁ ପୁନଃ କାର୍ଯ୍ୟକାରି କରିବା , କୁଇ ଭାଷାକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ ଏବଂ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି କରିବା ପାଇଁ କୁଇ ସମାଜ ସେବା ସମିତିର ନେତା ମାନେ ଦାବି କରିଥିଲେ।

# ଅଙ୍ଗନବାଡି କର୍ମିଙ୍କ ବିକ୍ଷୋଭ, ଧାରଣା

ଜୟପୁର, ୩୦/୧୧ (ନି.ପ୍ର): ଭାରତୀୟ ମଜଦୁର ସଂଘ ପ୍ରବନ୍ଧିତ ଅଲ ଓଡିଶା ଅଙ୍ଗନବାଡି ଲେଡିସ ଓ୍ୱାର୍କର୍ସ ଆସୋସିଏସନର ସମସ୍ତ ସଭ୍ୟ ଓ କାୟ୍ୟକର୍ତା ବିଭିନ୍ନ ଦାବି ନେଇ ଅନର୍ଦ୍ଦିଷ୍ଟ କାଳ ଧାରଣାରେ ବସିଛନ୍ତି । ଜୟପୁର ବ୍ଲକ ଶିଶୁ ବିକାଶ ବିଭାଗ ଅଧିନରେ କାୟ୍ୟରତ ଅଙ୍ଗନବାଡୀ କର୍ମି ସହାୟକା ମାନେ ଆଇସିଡିଏସ କାୟ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦାବି ପୁରଣ ନହେବା ଯାଏ ଜିଲାର ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ଧାରଣା ଚାଲୁ ରହିବ ବୋଲି ସଂଘ ତରଫରୁ ସୂଚନା ଦେଇଛନ୍ତି । ବ୍ଲକ ସଭାନେତ୍ରୀ ଅହଲ୍ଲା ବାୟି ପଣ୍ଡା ଏବଂ ସମ୍ପାଦିକା ଗାର୍ଗି ପାଳଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ୯୦ ପ୍ରତିଶତ ମହିଳା କର୍ମୀ ଯୋଗଦେଇ ବିଭିନ୍ନ ଦାବି ଉପରେ ସ୍ଲୋଗାନ ଦେଇଥିଲେ । ଉକ୍ତ ଦାବି ଗୁଡିକ ହେଲା ଅଙ୍ଗନବାଡି କର୍ମିଙ୍କୁ ସରକାରି କର୍ମଚାରି ଘୋଷଣା କରିବା, ମାସକୁ ୨୧ ହଜାର ଦରମା ଦେବା, ମିନି କର୍ମିଙ୍କୁ ଅଙ୍ଗନବାଡୀ କର୍ମି ଭାବେ ଘୋଷଣା କରିବା, ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରିବା, ଚାକିରିରୁ କଢା ଯାଇଥିବା କର୍ମିଙ୍କୁ ପୁଣି ଅବସ୍ଥାପିତ କରିବା ଆଦି ଦାବି ରହିଛି ।

# ପିଏଲଜିଏ ସପ୍ତାହ ପାଳନ ପାଇଁ ଆନ୍ଧ୍ର ଓଡିଶା ବର୍ଡର ଡିଭିଜନ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜାରି

ମାଲକାନଗିରି, ୩୦/୧୧ (ନି.ପ୍ର): ଆସନ୍ତା ଡିସେମ୍ବର ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପିଏଲଜିଏ ସପ୍ତାହ ପାଳନ ପାଇଁ ଆନ୍ଧ୍ର ଓଡିଶା ବଡର ଡିଭିଜନର ମାଓନେତା ଗଣେଶ ପ୍ରେସ ବିଜ୍ଞପ୍ତିରେ ଏହି ସପ୍ତାହକୁ ଗାଁ ଗାଁରେ ମହାସମାରୋହରେ ପାଳନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଦିବସରେ ସହିଦଙ୍କ ସ୍ମୃତି ଚାରଣ କରାଯିବ ବୋଲି କୁହାଯାଇଛି। ସରକାରଙ୍କର ମାଓ ଦମନ ରଣନୀତି ସମାଧାନକୁ ପରାସ୍ତ କରିବା ସହ ଏଥିରେ ବହୁ ସଂଖ୍ୟାରେ ଲୋକେ ଯୋଗ ଦେବା ପାଇଁ ଆହ୍ୱାନ କରାଯାଇଛି । ସୀମାନ୍ତବର୍ତୀ ଗ୍ରାମରେ ମାଓ ପୋଷ୍ଟର ଏବଂ ବ୍ୟାନର ମାରି ନିଜର ଉପସ୍ଥିତି ଜାହିର କରୁଛନ୍ତି । ଚଳିତ ଡିସେମ୍ବରରେ ପିଏଲଜିଏକୁ ୨୨ ବର୍ଷ ହେବାକୁ ଯାଉଥିବାରୁ ଏହାକୁ ମହାଆଡମ୍ବରରେ ପାଳନ କରିବାକୁ ସେଣ୍ଟ୍ରାଲ କମିଟି ତରଫରୁ କୁହାଯାଇଛି । ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଗରିବ ମାରଣନୀତିକୁ ବିରୋଧ କରାଯିବା ସହ ପୁଞ୍ଜିପତି , କୋର୍ପୋରେଟରମାନଙ୍କ ଲାଭ ପାଇଁ ସରକାର ସବୁବେଳେ ତତ୍ପର ରହୁଥିବା କୁହାଯାଇଛି । ଗାଁରେ ହେଉଥିବା ଆଦିବାସୀ ଆନ୍ଦୋଳନକୁ ପୁଲିସ ଓ ସରକାର ମିଶି ସମାଧାନ ନାମରେ ଅତ୍ୟାଚାର ଏବଂ ନିର୍ଯାତନା ଦେଉଛନ୍ତି । ଏହି ପ୍ରେସ ବିଜ୍ଞପ୍ତିରେ ଦେଶର ବହୁ ସମସ୍ୟା ଉପରେ ଉଲ୍ଲେଖ କରାଯାଇଛି , ଯାହାକୁ ଜନ ଆନ୍ଦୋଳନରେ ହିଁ ହାସଲ କରାଯାଇପାରିବ ବୋଲି ମାଓନେତା କହିଛନ୍ତି । ପିଏଲଜିଏକୁ ନେଇ ମାଲକାନଗିରି ଏବଂ ପଡୋଶୀ ଛତିଶଗଡରେ ହାଇ ଆଲର୍ଟ ଜାରି କରାଯାଇଛି। ମାଓବାଦୀ ଙ୍କର କୌଣସି ଚାଲକୁ ସଫଳ କରିବାକୁ ଦେବେ ନାହିଁ ବୋଲି ପୁଲିସ ଏବେ ଠାରୁ ଗୁଇନ୍ଦାକୁ ସଜାଗ ରଖୁଛନ୍ତି । ତେଣୁ ଏହି ପିଏଲଜିଏରେ ମାଓବାଦୀ କଣ କରୁଛନ୍ତି ଦେଖିବାକୁ ବାକି ରହିଲା !

# ଡିସେମ୍ବର ମାସ ପାଇଁ ପଂଚାୟତ ଲୋକସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ

ବଲାଙ୍ଗିର, ୩୦/୧୧ (ନି.ପ୍ର): ଡିସେମ୍ବର ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ୧୨ ତାରିଖରେ ତୁରେକେଲା ବ୍ଲକ ଅନ୍ତର୍ଗତ ମହଖଣ୍ଡ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ, ୧୯ ତାରିଖରେ ଦେଓଗାଁ ବ୍ଲକ ଅନ୍ତର୍ଗତ ତୁମେରପିଟା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଓ ୨୬ ତାରିଖରେ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଂଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବ । ଏତଦ୍‌ବ୍ୟତୀତ ପଂଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଶ୍ରମ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପଂଚାୟତ ରାଜ ଓ ପାନୀୟଜଳ ବିଭାଗ, ମିଶନ ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ତଥା ଅନ୍ୟାନ୍ୟ ବିଭାଗର ଯୋଜନା ସମ୍ପର୍କରେ ସଚେତନତା ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭାଗୀୟ ସହାୟତା ଓ ପରାମର୍ଶ ଦିଆଯିବ । ନିର୍ଦ୍ଧାରିତ ତାରିଖରେ ଉପରୋକ୍ତ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସର ଠାରେ ଅନୁଷ୍ଠିତ ହେବାକୁଥିବା ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେବେ ।

# ଜିଲ୍ଲାରେ 'ଅମ୍ଳାନ' କାର୍ଯ୍ୟକ୍ରମରୁ ଚଉରାନବେ ହଜାର ସାତ ଶହ ଅଡ଼ଚାଳିଶ ଜଣ ଉପକୃତ ହେବେ

ଝାରସୁଗୁଡ଼ା, ୩୦/୧୧ (ନି.ପ୍ର): ଛ' ମାସରୁ ଅଣଷଠି ମାସର ଶିଶୁ,ପାଂଚ ବର୍ଷରୁ ନ'' ବର୍ଷ ବୟସର ଛାତ୍ରଛାତ୍ରୀ, ଦଶରୁ ଉଣେଇଶ ବର୍ଷ ବୟସର ଛାତ୍ରଛାତ୍ରୀ, ଗର୍ଭବତୀ ଓ ପ୍ରସୂତି ମହିଳା , କୋଡ଼ିଏରୁ ଚବିଶ ବର୍ଷ ବୟସର ଗର୍ଭବତୀ ହୋଇନଥିବା ତଥା ପ୍ରସୂତି ଅବସ୍ଥା ହୋଇନଥିବା ମହିଳାମାନଙ୍କଠାରେ ରକ୍ତହୀନତା ଦୂରୀକରଣ ପାଇଁ ରାଜ୍ୟରେ ଅମ୍ଳାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧମରେ ଚଳିତ ନଭେମ୍ବର ତେଇଶ ତାରିଖରୁ ଉଦଘାଟିତ ଏହି କାର୍ଯ୍ୟକ୍ରମ ଆଗାମୀ ଦୁଇ ବର୍ଷ ଧରି ଚାଲୁ ରହିବ। ଉପରୋକ୍ତ ବୟସ ବର୍ଗର ସମସ୍ତ ଶିଶୁ , କିଶୋର କିଶୋରୀ , ଯୁବତୀ ଓ ମହିଳାମାନଙ୍କର ହିମୋଗ୍ଲୋବିନ ପରୀକ୍ଷା ସହ ରକ୍ତହୀନତା ଚିହ୍ନଟ ପୂର୍ବକ ସମସ୍ତଙ୍କୁ ସରକାରଙ୍କ ତରଫରୁ ବିନା ମୂଲ୍ୟରେ ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାରେ ଜିଲ୍ଲାପାଳଙ୍କ ତତ୍ୱାବଧାନରେ ଗତ ତେଇଶ ତାରିଖରୁ ଅମ୍ଳାନ କାର୍ଯ୍ୟକ୍ରମ ସରବାହାଲସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ଆରମ୍ଭ କରାଯାଇଥିବା ବେଳେ ଜିଲ୍ଲାର ସମସ୍ତ ହିତାଧିକାରୀଙ୍କୁ ଧାର୍ଯ୍ୟ ସମୟ ମଧରେ ଚିକିତ୍ସା ସେବା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ଛ'' ମାସରୁ ଅଣଷଠି ମାସର ୨୮୪୧୪ ଜଣ ଶିଶୁ,ପାଂଚ ବର୍ଷରୁ ନ'' ବର୍ଷ ବୟସର ୨୪୯୧୨ ଜଣ ଛାତ୍ରଛାତ୍ରୀ, ଦଶରୁ ଉଣେଇଶ ବର୍ଷ ବୟସର ୩୦୩୧୧ଜଣ ଯୁବତୀ , ୪୮୬୮ ଜଣ ଗର୍ଭବତୀ ମହିଳା , ୪୦୮୫ ଜଣ ପ୍ରସୂତି ମହିଳା ଓ କୋଡ଼ିଏରୁ ଚବିଶ ବର୍ଷ ବୟସର ଗର୍ଭବତୀ ହୋଇନଥିବା ତଥା ପ୍ରସୂତି ଅବସ୍ଥା ପାଇନଥିବା ୨୧୫୮ଜଣ ମହିଳା ଅମ୍ଳାନ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟ କର୍ମୀଙ୍କ ତରଫରୁ ୫ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ

ମାଲକାନଗିରି, ୩୦/୧୧ (ନି.ପ୍ର): କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ମାନେ ଆଜି ଏକ ୫ ଦଫା ସମ୍ବଳିତ ଦାବିପତ୍ର ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ, କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡଃ. ସନ୍ତୋଷ କୁମାର ଷଡଙ୍ଗୀଙ୍କ ଜରିଆରେ ପ୍ରଦାନ କରିଛନ୍ତି । ଉକ୍ତ ଦାବି ଗୁଡିକ ମଧରେ ( ୧) ସ୍ୱାସ୍ଥ୍ୟ କର୍ମୀଙ୍କ କ୍ୟାଡ଼ର ପୁନର୍ଗଠନ କରି ଚାକିରି କାଳରେ ଚାରିଟି ପଦୋନ୍ନତି ଦେବା, (୨) ଅର୍ଥ ବିଭାଗର ନୂତନ ପ୍ରକାଶିତ ଗ୍ରେଡପେ ବିଜ୍ଞପ୍ତିକୁ ଲାଗୁ କରିବା, (୩) ଠିକା ବ୍ୟବସ୍ଥାର ସମ୍ପୁର୍ଣ୍ଣ ଉଚ୍ଛେଦ ସହ ଉକ୍ତ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ୬ ଗୋଟି ଇନ୍କ୍ରିମେଂଟ ପ୍ରଦାନ କରିବା, (୪) ବହୁମୂଖୀ ମହିଳା/ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମାନଙ୍କ ପଦବୀର ନାମ ପରିବର୍ତନ କରିବା, (୫) ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପୋଷାକ ଭତା ଆକାରରେ ବାର୍ଷିକ ୫୦୦୦/- ଟଙ୍କା ପ୍ରଦାନ କରିବା ସମ୍ବଳିତ ଦାବିପତ୍ର କୁଡୁମୁଲୁଗୁମ୍ମା ବହୁମୂଖୀ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସଭାପତି ଆରତୀ ବେହେରା, ଉପ ସଭାପତି ରତିରଞ୍ଜନ ବାରୀକ, ସମ୍ପାଦକ ପ୍ରଭାତ ନଳିନୀ ବେହେରା, ସକୁନ୍ତଳା ଦାସ, ଶୁଭଲକ୍ଷ୍ମୀ ଦାସ ଓ ଗୋରଖ ନାଥ ସାହୁଙ୍କ ସମେତ ୩୦ ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି । ସମ୍ପାଦକ ଶ୍ରୀମତୀ ବେହେରା କହିଛନ୍ତି ଯେ, ଆଗାମୀ ଦିନରେ ଯଦି ସରକାର ଉକ୍ତ ନ୍ୟାର୍ଯ୍ୟ ଦାବି ଗୁଡ଼ିକ ପୂରଣ ନକଲେ ଆସନ୍ତା ଡ଼ିସେମ୍ବର ୭ ତାରିଖରୁ ସମଗ୍ର ଓଡ଼ିଶାର ସ୍ୱାସ୍ଥ୍ୟ କର୍ମୀମାନେ କଳାବ୍ୟାଜ ପିନ୍ଧି ନୀରବ ପ୍ରତିବାଦ କରିବେ ଓ ଏହାର ଏକ ସପ୍ତାହ ପରେ ଅର୍ଥାତ୍ ଡିସେମ୍ବର ୧୪ ତାରିଖରୁ ଅସହଯୋଗ ଆନ୍ଦୋଳନ କରିବେ ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି ।

# ବଲାଙ୍ଗିର କରାଟେ ସ୍କୁଲ ଛାତ୍ରୀ ସର୍ବ ଭାରତୀୟ ଉପକନିଷ୍ଠ ପ୍ରତିଯୋଗିତାରେ ଅଂଶ ଗ୍ରହଣ

ବଲାଙ୍ଗିର, ୩୦/୧୧ (ନି.ପ୍ର): ଓଡିଶା ରାଜ୍ୟ କରାଟେ ସଂଘ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ୩୪ତମ ଉପକନିଷ୍ଠ କରାଟେ ପ୍ରତିଯୋଗିତା ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପରିଷଦରେ ୧୧ ରୁ ୧୩ ନଭେମ୍ବର ୨୦୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲା ସଂଘ ତଥା ବଲାଙ୍ଗିର କରାଟେ ସ୍କୁଲର ଛାତ୍ରୀ ଅଭିପ୍ସା ହୋତା ୧୩ ବର୍ଷ ବାଳିକା ବର୍ଗ (୫୫ କେଜି) ରୁ କମ୍ କୁମୁତି ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲାକୁ ଗୌରାବନ୍ୱିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆୟୋଜିତ ହେବାକୁ ଥିବା ସର୍ବ ଭାରତୀୟ ଉପକନିଷ୍ଠ କରାଟେ ପ୍ରତିଯୋଗିତା ଆସନ୍ତା ୩ ଓ ୪ ଡିସେମ୍ବରରେ ନୂଆଦିଲ୍ଲୀର ତାଲକୋଟରା ଉନଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ । ବଲାଙ୍ଗିର ଜିଲ୍ଲାରୁ ଜଣେ ମାତ୍ର ଛାତ୍ରୀ ଓଡିଶା ରାଜ୍ୟ କରାଟେ ସଂଘକୁ ମନୋନିତ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲା ସଂପାଦକ ତଥା କୋଚ ହୃଦୟ ଶବର ଏବଂ ପିତା ବଦ୍ରିନାଥ ହୋତାଙ୍କ ସହିତ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ସଫଳତା ପାଇଁ ରାଜ୍ୟ କରାଟେ ସଂଘକୁ ଧନ୍ୟବାଦ ଏବଂ ବଲାଙ୍ଗିର ଜିଲ୍ଲା କରାଟେ ସଂଘ ଓ ବଲାଙ୍ଗିର କରାଟେ ସ୍କୁଲ ସଭାପତି ସଚିନ ବାଗ, ସହ-ସଂପାଦକ ଚନ୍ଦ୍ର ଶେଖର ସେଠ, ମନଗୋବିନ୍ଦ ମେହେର ଓ ସମସ୍ତ କର୍ମକର୍ତା, ଅଭିଭାବକ ଓ କ୍ରୀଡା ପ୍ରେମି ଅଭିନନ୍ଦନ, ଆଶିର୍ବାଦ ଜ୍ଞାପନ କରିଛନ୍ତି।

# ଡିସେମ୍ବର ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ

ବଲାଙ୍ଗିର, ୩୦/୧୧ (ନି.ପ୍ର): ଡିସେମ୍ବର ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ୧୨ ତାରିଖରେ ତୁରେକେଲା ବ୍ଲକ ଅନ୍ତର୍ଗତ ମହଖଣ୍ଡ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ, ୧୯ ତାରିଖରେ ଦେଓଗାଁ ବ୍ଲକ ଅନ୍ତର୍ଗତ ତୁମେରପିଟା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଓ ୨୬ ତାରିଖରେ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଂଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବ । ଏତଦ୍‌ବ୍ୟତୀତ ପଂଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଶ୍ରମ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପଂଚାୟତ ରାଜ ଓ ପାନୀୟଜଳ ବିଭାଗ, ମିଶନ ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ତଥା ଅନ୍ୟାନ୍ୟ ବିଭାଗର ଯୋଜନା ସମ୍ପର୍କରେ ସଚେତନତା ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭାଗୀୟ ସହାୟତା ଓ ପରାମର୍ଶ ଦିଆଯିବ । ନିର୍ଦ୍ଧାରିତ ତାରିଖରେ ଉପରୋକ୍ତ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସର ଠାରେ ଅନୁଷ୍ଠିତ ହେବାକୁଥିବା ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେବେ ।

# ରାଜ୍ୟ ସରକାରଙ୍କ ସ୍ମାରକ ପତ୍ରରେ ଯାଜପୁର ରୋଡ -ଧାମରା ରେଳପଥ ଦାବି ସ୍ଥାନ ପାଉ

କୋରେଇ, ୩୦/୧୧ (ନି.ପ୍ର): ଓଡିଶାରେ ରେଳବାଇ ବିକାଶ ପାଇଁ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଦାବି ପ୍ରଦାନ ପାଇ ରାଜ୍ୟ ସରକାର ପସ୍ତୁତ କରୁଥିବା ସ୍ମାରକ ପତ୍ରରେ ଯାଜପୁରରୋଡ ଧାମରା ରେଳପଥର ମଂଜୁରୀ ତଥା ଏଥି ପାଇଁ ୨୦୨୩/୨୪ ବଜେଟରେ ବ୍ୟୟ ବରାଦ ପାଇଁ ଦାବି କରିବାକୁ ରାଜ୍ୟ ପରରିବହନ ବିଭାଗର ପ୍ରମୁଖ ସଚିବଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଯାଜପୁର କେଉଁଝର ରୋଡ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆବାହକ ସନ୍ତୋଷ ଦାସ ପ୍ରଦାନ କରିଥିବା ଏହି ସ୍ମାରକ ପତ୍ରରେ ଦର୍ଶାଯାଇଛି ଯେ। ଶତକଡା ୨୭.୪% ଲାଭ ହେବାର ସମ୍ଭାବନା ଥିବା ଏକ ରେଳପଥର ନିର୍ମାଣ ପାଇଁ କେନ୍ଦ୍ର ସରକାର କୁଣ୍ଠିତ ହେବାର କୌଣସି ଯଥାର୍ଥତା ନାହିଁ । ସାଧାରଣତଃ ଶତକଡା ୧୦% ଲାଭର ସମ୍ଭାବନା ଥିଲେ ରେଳପଥର ନିର୍ମାଣ ପାଇଁ ନିଷ୍ପତି ନିଆଯାଇଥାଏ । ସ୍ମାରକ ପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଏହି ରେଳପଥ ନିର୍ମାଣ ହେଲେ ରେଳବାଇ ଯେଉଁ ରାଜସ୍ୱ ହରାଉଛି ସେଥିରୁ ତ୍ରାହୀ ମିଳିବ । କାରଣ ଭଦ୍ରକରୁ ଧାମରା ପର୍ଯ୍ୟନ୍ତ ରେଳପଥ ଧାମରା ବନ୍ଦର କମ୍ପାନୀ ନିର୍ମାଣ କରିଥିବାରୁ ସେ ତାର ନିଜସ୍ୱ ରେଳପଥ ବାହାରେ ଅତିରିକ୍ତ ଆୟର ସୁଯୋଗ ପାଉଛି । ଏପରିକି ଆଦାନୀ ପୋର୍ଟ ପରିଚାଳନାଧିନ ଡିପିସିଏଲ ପକ୍ଷରୁ ପୂର୍ବ ତଟ ରେଳବାଇକୁ ଜଣାଇ ଦିଆଯାଇଛି ଯେ ଯାଜପୁର କେଉଁଝର ରୋଡ ପାରି ହୋଇ ଯେଉଁ ମାଲ ପରିବହନ ହେବାର ଅଛି ତାହା ପ୍ରସ୍ଥାବିତ ନୂତନ ରେଳପଥରେ କରାଯାଇ ପାରିବ । ଏହି ନିର୍ମାଣ ହେଲେ ଯାଜପୁର ଜିଲ୍ଲାର ସଦର ମହକୁମାକୁ ରେଳପଥ ସଂଯୋଗ ସହ ଯାଜପୁର ଆରଡି, ଧାମରା, ଭିତର କନିକାକୁ କେନ୍ଦ୍ର କରି ପର୍ଯ୍ୟଟନର ବିକାଶ ଘଟିବ । କଳିଙ୍ଗନଗର ଓ ନାଲକୋର ଶିଳ୍ପଜାତ ଦ୍ରବ୍ୟର ପରିବହନ ସାଙ୍ଗକୁ ସୁକିନ୍ଦା, ତାଳଚେର ଓ କେଉଁଝର ଜିଲ୍ଲାର କ୍ରୋମାଇଟ , ନିକଲେ, କୋଇଲା, ଲୁହାପଥର ଓ ମାଙ୍ଗାନିଜ ପରିବହନ ସୁବିଧା ଓ ଲାଭ ଜନକ ହୋଇ ପାରିବ । ବୈତରଣୀ, ଶାଳନ୍ଦୀ, ଖରସ୍ରୋତାର ଅବବାହୀକାରେ ଅବସ୍ଥିତ ଭଦ୍ରକ, ଯାଜପୁର ଜିଲ୍ଲାରେ ଧାନ, ତୈଳବୀଜ, ପନିପରିବା, ଡାଲି , ଚିନାବାଦାମ, ଆଖୁ ପରି କୃଷିଜାତ ସାମଗ୍ରୀ ସାଙ୍ଗକୁ ମସ୍ , ପଶୁ ସମ୍ପଦ, ସରବାରହ କୃଷି ଜିବୀ ଓ ମସ୍ଜିବୀଙ୍କ ପାଇଁ ଲାଭ ଦାୟକ ହେବ ।

# ଆଜିଠାରୁ ଆରମ୍ଭ ଭାରତର ଜି୨୦ ଅଧ୍ୟକ୍ଷତା

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**



ପୂର୍ବରୁ ଜି-୨୦ର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ୧୭ଟି ରାଷ୍ଟ୍ର ଏହାରଉଦ୍ଦେଶ୍ୟକୁ ସାକାର କରିବା ନିମନ୍ତେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି –ବିଶେଷ କରି ସାମୂହିକ ଆର୍ଥିକ ସ୍ଥିରତା, ଅନ୍ତରାଷ୍ଟ୍ରୀୟ ଟିକସ ବ୍ୟବସ୍ଥାରସୁସଂଗତିକରଣ, ରାଷ୍ଟ୍ରମାନଙ୍କ ଋଣଭାରଉପଶମସମେତ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏଥିରେ ସାମିଲ । ଏହିସବୁ ସଫଳତାରୁଆମେ ସଭିଏଁ ଉପକୃତହେବୁ ଏବଂ ଏହି ଧାରାକୁ ଆଗେଇ ନେବୁ । କିନ୍ତୁ, ଆଜି ଯେତେବେଳେ ଭାରତ ଏହି ଗୁରୁ ଦାୟିତ୍ୱ ବହନ କରୁଛି, ମୁଁ ନିଜକୁ ନିଜେପ୍ରଶ୍ନ କରୁଛି – ଜି-୨୦କୁ ଆହୁରି ଆଗେଇ ନେଇ ହେବ କି ? ଆମେ କ'ଣ ମୌଳିକ ମାନସିକତାକୁ ଆହୁରି ତ୍ୱରାନ୍ୱିତ କରିବାରେ ଉତ୍ ?ପ୍ରେରକ ଭୂମିକାଗ୍ରହଣ କରିପାରିବା, ଯଦ୍ୱାରା ଏଥିରୁ ସମଗ୍ର ମାନବ ସମାଜ ସାମଗ୍ରିକ ଭାବେ ଉପକୃତହୋଇପାରିବ ? ମୋର ଦୃଢ଼ ବିଶ୍ୱାସ ଯେ ଆମେ ତାହା କରିପାରିବା ।

ଆମର ମାନସିକତା ଆମର ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ହିଁ ଗଢ଼ାହୋଇଛି । ଯଦିଚ ସମଗ୍ର ଇତିହାସରେ ମାନବ ଜାତି ସଦାସର୍ବଦା ଅଭାବ ଭିତରେ ଜୀବନ ବଞ୍ଚିଆସିଛି ।ଆମେ ସୀମିତ ସମ୍ବଳ ସକାଶେ ପରସ୍ପର ମଧ୍ୟରେ ଲଢ଼େଇ କରିଛୁ, କାରଣଅନ୍ୟମାନଙ୍କୁ ବଞ୍ଚିତ କରିବା ଉପରେ ଆମର ଜୀବନନିର୍ଭରଶୀଳ । ଚିନ୍ତାଧାରା, ଆଦର୍ଶ ଓପରିଚୟକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତା ଏକ ଧାରା ପାଲଟିଛି ।

ଦୁର୍ଭାଗ୍ୟର କଥା, ଆମେ ଆଜି ସୁଦ୍ଧା ସେହି ଅପରିବର୍ତ୍ତିତ ମାନସିକତାମଧ୍ୟରେ ଆବଦ୍ଧ ହୋଇ ରହିଆସିଛୁ । ଆମେ ଦେଖିଛୁ ଯେତେବେଳେ ରାଷ୍ଟ୍ର - ରାଷ୍ଟ୍ର ମଧ୍ୟରେ କୌଣସିଭୂଖଣ୍ଡ କିମ୍ବା ସମ୍ପଦ ପାଇଁ ଲଢ଼େଇ ଚାଲେ । ଆମେ ଦେଖିଛୁଯେତେବେଳେଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଏ । ପୁଣି ଆମେ ଦେଖୁ କିଛି ବ୍ୟକ୍ତିବିଶେଷଙ୍କ ନିକଟରେପ୍ରତିଷେଧକ ଟିକା ମହଜୁଦ ଥାଏ, ଯେତେବେଳେକି କୋଟି କୋଟି ଲୋକଆପଦାଗ୍ରସ୍ତ ଅବସ୍ଥାରେ ରହିଥାନ୍ତି ।

କେହି କେହି ଯୁକ୍ତି ବାଢ଼ିପାରନ୍ତି ଯେ ବିବାଦ ଏବଂ ଲୋଭ ହେଉଛି ମଣିଷର ମୌଳିକସ୍ୱଭାବ । ମୁଁ ସେଭଳି ଯୁକ୍ତି ସହ ସହମତ ନୁହେଁ । ଯଦି ମଣିଷ ସ୍ୱଭାବତଃ ସ୍ୱାର୍ଥପରହୋଇଥାଆନ୍ତା, ତେବେ ଏତେସବୁ ଆଧାତ୍ମିକ ପରମ୍ପରାରେ ଐକ୍ୟର ବାର୍ତ୍ତା କେମିତି ସମ୍ଭବ ହୋଇଥାନ୍ତା ? ସେହିଭଳି ଗୋଟିଏ ପରମ୍ପରା, ଯାହାକି ଭାରତରେ ବେଶ୍ ଲୋକପ୍ରିୟ ଏବଂ ତାହାହେଉଛି ସମସ୍ତ ଜୀବନ୍ତ ପ୍ରାଣୀ ଏପରିକି ନିର୍ଜୀବ ପଦାର୍ଥ, ସେହି ପାଞ୍ଚଗୋଟି ମୂଳତତ୍ତ୍ୱରୁ ହିଁ ଉତ୍ପନ୍ନ ଯାହାକୁ ଆମେ ପଞ୍ଚତତ୍ତ୍ୱ ବୋଲି କହୁ ଏବଂ ସେଗୁଡ଼ିକ ହେଲା -ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ଆକାଶ । ଏହି ସକଳ ତତ୍ତ୍ୱ ମଧ୍ୟରେ ସନ୍ତୁଳନ ଓସମନ୍ୱୟ ରକ୍ଷା ଆମରପାର୍ଥିବ, ସାମାଜିକ ଏବଂ ପାରିବେଶିକ ସୁସ୍ଥତା ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ ।

ଭାରତର ଜି-୨୦ ସଂଗଠନର ଅଧ୍ୟକ୍ଷତା ଏହି ସାର୍ବଜନୀନ ଏକତ୍ୱର ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବ । ତେଣୁ ଆମର ମୂଳ ପ୍ରସଙ୍ଗ ହେଉଛି –"ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ" ।

ଏହା କେବଳ ଏକ ସ୍ଲୋଗାନ ନୁହେଁ । ଏହା ସମ୍ପ୍ରତି ମାନବୀୟପରିସ୍ଥିତିରେ ଘଟୁଥିବା ପରିବର୍ତ୍ତନକୁ ମଧ୍ୟ ପ୍ରଦର୍ଶିତ କରୁଛି ଯାହାକୁ ଆମେ ସାମୂହିକଭାବେସ୍ୱୀକାର କରିବାରେ ବିଫଳ ହୋଇଛୁ । ଆଜି, ଆମେ ବିଶ୍ୱର ସମସ୍ତ ମାନବ ସମାଜ ନିମନ୍ତେ ସେମାନଙ୍କର ମୌଳିକଆବଶ୍ୟକତା ପୂରଣ ପାଇଁ ଉତ୍ପାଦନ କରିବା ଲାଗି ସକ୍ଷମ ।ଆଜି, ଆମେ ନିଜର ବଞ୍ଚିରହିବାର ସ୍ଥିତି ନିମନ୍ତେ ଆଉ ସଂଘର୍ଷ କରିବାର କୌଣସିଆବଶ୍ୟକତା ନାହିଁ । ଆମ ସମୟ ଏକ ଯୁଦ୍ଧର କାଳ ହେବା ଅନୁଚିତ । ଏହା ବାସ୍ତବସତ୍ୟ, ଏହା କଦାଚିତ୍ ହେବା ଉଚିତ ନୁହେଁ!

ଆଜି, ଆମେ ଯେଉଁ ବୃହତ୍ ବିପଦର ସାମ୍ନା କରୁଛୁ – ଜଳବାୟୁ ପରିବର୍ତ୍ତନ,ଆତଙ୍କବାଦ ଏବଂ ବୈଶ୍ୱିକ ମହାମାରୀ- ପରସ୍ପର ମଧ୍ୟରେ ବିବାଦରେ ଲିପ୍ତ ରହିଲେଏସବୁ ସମସ୍ୟାକୁ କଦାପି ସମାଧାନ କରିହେବନାହିଁ, ବରଂ ମିଳିତ ଭାବେ ସେସବୁରମୁକାବିଲା କରିବା ଆବଶ୍ୟକ । ସୌଭାଗ୍ୟର କଥା, ଆଜିର ପ୍ରଯୁକ୍ତି ବିଦ୍ୟା ମଧ୍ୟ ସମଗ୍ର ମାନବ ଜାତି ପାଇଁ ଏହିସବୁ ସମସ୍ୟାରମୁକାବିଲା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଛି । ଭର୍ଚୁଆଲ୍ ଦୁନିଆରେ ଆମ ମାନଙ୍କ ଉପସ୍ଥିତି ଡିଜିଟାଲ ପ୍ରଯୁକ୍ତିର ବିଶାଳ ଆକାରକୁ ପ୍ରଦର୍ଶିତ କରୁଛି ।

ବିଶ୍ୱର ଏକ ଷଷ୍ଠାଂଶ ଲୋକଙ୍କ ନିବାସ ସ୍ଥଳୀ,ତାହା ପୁଣି ବ୍ୟାପକଭାଷା, ଧର୍ମ, ପରମ୍ପରା ଓ ବିଶ୍ୱାସଗତ ବିଭିନ୍ନତା ସତ୍ତ୍ୱେ ; ସେହି ଦୃଷ୍ଟିରୁ ବିଚାରକଲେ ଭାରତ ହେଉଛି ଏକ କ୍ଷୁଦ୍ର ବିଶ୍ୱ ।

ସାମୂହିକ ନିଷ୍ପତ୍ତି ଗ୍ରହଣର ପ୍ରାଚୀନତମ ପରମ୍ପରା ହେଉଛି ଗଣତନ୍ତ୍ରରମୌଳିକ ଡିଏନଏକୁ ଭାରତର ଅବଦାନ । ଗଣତନ୍ତ୍ରର ଜନନୀଭାବେ, ଭାରତର ରାଷ୍ଟ୍ରୀୟ ସହମତି କୌଣସି ଆଦେଶ ବଳରେ ନୁହେଁ,ବରଂ କୋଟି କୋଟି ନାଗରିକଙ୍କ ମୁକ୍ତ କଣ୍ଠରୁ ନିସୃତ ସ୍ୱର ହିଁ ଏହାର ସ୍ୱରୂପ ।

ଆଜି, ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିରୁ ଭାରତ ହେଉଛି ବିଶ୍ୱର ବିଶାଳତମ ରାଷ୍ଟ୍ର । ଆମରନାଗରିକକୈନ୍ଦ୍ରିକ ସୁଶାସନର ମଡେଲ ସବୁଠାରୁ ଅବହେଳିତ ନାଗରିକଙ୍କରମଧ୍ୟ ଯତ୍ନ ନିଏ ଓ ସେମାନଙ୍କୁ ସୁରକ୍ଷା ପ୍ରଦାନ କରେ । ଆଉ ମଧ୍ୟ ଏହା ଆମ ବିଚକ୍ଷଣବୁଦ୍ଧିମତ୍ତାଯୁକ୍ତ ଯୁବଗୋଷ୍ଠୀଙ୍କ ସୃଜନଶୀଳତାର ପରିପ୍ରକାଶ ପାଇଁ ଯତ୍ନବାନ ହୋଇଥାଏ ।

ଆମେ କେତେବେଳେ ଉପରୁ ତଳ ଶାସନ ବ୍ୟବସ୍ଥା ଜରିଆରେ ରାଷ୍ଟ୍ରୀୟବିକାଶର ପରିକଳ୍ପନା କରିନାହୁଁ, ବରଂ ଏହା ସର୍ବଦା ଏକ ନାଗରିକ ନେତୃତ୍ୱାଧୀନ 'ଜନଆନ୍ଦୋଳନ' । ଜନସାଧାରଣଙ୍କ ପାଇଁ ଡିଜିଟାଲ ଉତ୍ପାଦ ସୃଷ୍ଟି କରିବାରେ ଆମେ ସଦାବେଳେ ପ୍ରଯୁକ୍ତିକୁ ପ୍ରାଧାନ୍ୟଦେଇଆସିଛୁ ଏବଂ ତାହା ମୁକ୍ତ ଓ ସମାବେଶୀ । ସାମାଜିକସୁରକ୍ଷା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଇଲେକ୍ଟ୍ରୋନିକ୍ ପେମେଣ୍ଟ ଭଳି ବିଭିନ୍ନ କ୍ଷେତ୍ରରେତାହା ବୈପ୍ଳବିକ ପ୍ରଗତି ହାସଲ କରିବା ସହିତ ଲୋକମାନଙ୍କୁ ଏହାର ସୁଫଳ ପ୍ରଦାନକରିଛି ।

ଏହିସବୁ କାରଣ ଯୋଗୁଁ, ଭାରତର ଅନୁଭୂତି ବୈଶ୍ୱିକ ସମସ୍ୟାବଳୀର ସମାଧାନନିମନ୍ତେ ଉପାୟ ବାହାର କରିବାରେ ସହାୟକ ହୋଇପାରିବ ।

ଜି-୨୦ ଅଧ୍ୟକ୍ଷତା ଅବଧି ମଧ୍ୟରେ, ଆମେ ଭାରତର ସ୍ୱକୀୟ ଅନୁଭୂତି, ଅଧ୍ୟୟନ ଏବଂମଡେଲଗୁଡ଼ିକୁ ଅନ୍ୟମାନଙ୍କ ପାଇଁ, ବିଶେଷ କରି ବିକାଶଶୀଳ ରାଷ୍ଟ୍ରମାନଙ୍କପାଇଁ ଉଦାହରଣ ଭାବେ ଉପସ୍ଥାପନ କରିବୁ ।

ଜି-୨୦ରେ ଆମର ଅଗ୍ରାଧିକାର କେବଳ ଜି-୨୦ ସହଯୋଗୀ ରାଷ୍ଟ୍ରଙ୍କ ସହିତବିଚାରବିମର୍ଶ ଭିତ୍ତିରେ ନୁହେଁବରଂ ଆମର ସହଗାମୀ ବିଶ୍ୱରଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ର, ଯେଉଁମାନଙ୍କ ସ୍ୱର ପ୍ରାୟତଃ କର୍ଣ୍ଣଗୋଚର ହୋଇନଥାଏ,ସେମାନଙ୍କୁ ମଧ୍ୟ ଏଥିରେ ସାମିଲ କରିବୁ ।

ଆମେ 'ଏକ ବିଶ୍ୱ'ର ସମସ୍ୟା ସମାଧାନ ଉପରେ ଅଗ୍ରାଧିକାର ପ୍ରଦାନ କରିବୁ ।ଏଥି ସହିତ ଆମର 'ଏକ ପରିବାର' ଭିତରେ ସମନ୍ୱୟ ରକ୍ଷାପୂର୍ବକ ଭବିଷ୍ୟତ ଆଶା ଚରିତାର୍ଥ କରିବୁ ।ବିଶ୍ୱର ଅସୁସ୍ଥତାକୁ ଦୂର କରିବା ନିମନ୍ତେ ଆମେ ପୋଷଣୀୟ ଏବଂ ପରିବେଶଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବୁ ଯାହାକି ପ୍ରକୃତି ପ୍ରତି ଭାରତର'ପ୍ରତିବଦ୍ଧତା' ଆଧାରରେ ହେବ ।

ମାନବୀୟ ପରିବାର ମଧ୍ୟରେ ସମନ୍ୱୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ଆମେବୈଶ୍ୱିକ ଖାଦ୍ୟ, ସାର ଏବଂ ଔଷଧୀୟ ଉତ୍ପାଦ ଯୋଗାଣକୁ ରାଜନୀତିମୁକ୍ତ ରଖିବାନିମନ୍ତେ ଆହ୍ୱାନ ଜଣାଇବୁ ଯଦ୍ୱାରା ଭୂ-ରାଜନୈତିକ କାରଣରୁ ମାନବୀୟ ସଂକଟ ଉପନୀତ ହେବନାହିଁ । ଆମ ନିଜ ପରିବାର ଭଳି, ଯାହାର ଆବଶ୍ୟକତା ସର୍ବାଧିକ ତାଙ୍କପ୍ରତି ଯେଉଁଭଳି ଆମେ ପ୍ରଥମେ ଚିନ୍ତା କରିଥାଉ, ତାହାର ଅନୁରୂପ ପ୍ରଦର୍ଶନ ପାଇଁଆମେ ପ୍ରୟାସୀ ହେବୁ ।

ଆମର ଭବିଷ୍ୟତ ବଂଶଧରମାନଙ୍କ ମନରେ ଆଶା ସଂଚାରିବା ନିମନ୍ତେ ଗଣବିଧ୍ୱଂସୀ ମାରଣାସ୍ତ୍ର ଏବଂ ବୈଶ୍ୱିକନିରାପତ୍ତା ପ୍ରତି ଉତ୍ପନ୍ନ ବିପଦର ଆଶଙ୍କାକୁ ଦୂର କରିବା ଲାଗିଆମେ ବିଶ୍ୱରସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ଅପୋଷ ଆଲୋଚନା କରିବା ପାଇଁ ପ୍ରୋତ୍ସାହିତ କରିବୁ ।

ଭାରତର ଜି-୨୦ କାର୍ଯ୍ୟସୂଚୀ ହେବ ସମାବେଶୀ,ଆକାଂକ୍ଷୀ, କ୍ରିୟାଶୀଳ ଓ ନିଷ୍ପତ୍ତି ଭିତ୍ତିକ ।

ଆସନ୍ତୁ, ଭାରତର ଜି-୨୦ ଅଧ୍ୟକ୍ଷତାକୁଉପଶମ, ସମନ୍ୱୟ ଓଆଶାରଅଧ୍ୟକ୍ଷତାରେ ପରିଣତ କରିବାନିମନ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ।

ଆସନ୍ତୁ,ଏକ ମାନବକୈନ୍ଦ୍ରିକ ଜଗତିକରଣର ନୂତନ ଆଦର୍ଶକୁ ରୂପ ପ୍ରଦାନ କରିବା ନିମନ୍ତେ ପରସ୍ପର ସହ ହାତ ମିଳାଇ କାର୍ଯ୍ୟ କରିବା ।

# ଦାନ୍ତ ରଗଡ଼ିବା ଅବସାଦର କାରଣ !



ଅବସାଦରେ ବିପଜ୍ଜନକ ତଥା ପ୍ରାଣଘାତକ ଦୁଷ୍ପ୍ରଭାବ ସମ୍ପର୍କରେ ତ ଆପଣ ଅଜଣା ନଥିବେ । କିନ୍ତୁ ଏହି ଅବସାଦ ଯେ ଦାନ୍ତକୁ ପ୍ରଭାବିତ କରେ, ସେ ସମ୍ପର୍କରେ ଅଧିକାଂଶ ଲୋକ ଅଜ୍ଞ ଥିବେ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସମ୍ପୂର୍ଣ୍ଣ ସତ । ଅନେକ ଲୋକଙ୍କର ଶୋଇବା ବେଳେ ଦାନ୍ତ ରଗଡ଼ିବା ଅଭ୍ୟାସ ଥାଏ । ଯଦି ଏଭଳି ସମସ୍ୟା ସବୁଦିନ ଦେଖାଦିଏ ତେବେ ତୁରନ୍ତ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। କାରଣ ବିଶେଷଜ୍ଞଙ୍କ ମତରେ ଦାନ୍ତ ରଗଡ଼ିବା ଏକ ଆନୁବଂଶିକ ରୋଗ । ଅନେକ ଲୋକଙ୍କୁ ଏହି ରୋଗ ସମ୍ପର୍କରେ ଜଣାନଥାଏ । କିନ୍ତୁ ଅବସାଦକୁ ଏହି ରୋଗର ଏକ ପ୍ରମୁଖ କାରଣ ବୋଲି କୁହାଯାଇଛି । ଦାନ୍ତ ରଗଡ଼ିବା ଶୁଣିଲେ ମନରେ ବିରକ୍ତି ଭାବ ପ୍ରକାଶ ପାଇଥାଏ । ଏହି ସମସ୍ୟା କ୍ରାନିଓଫେଶିଆଲ ନର୍ଭକୁ ପ୍ରଭାବିତ କରିଥାଏ । ଏହା ଏଭଳି ଏକ ଗତିବିଧି ଯାହା ମଣିଷର ଅବଚେତନା ଅବସ୍ଥାରେ ଘଟିଥାଇ। ତେଣୁ କାହାକୁ ଏ କଥା ଜଣାପଡ଼ିନଥାଏ । ଅଧିକାଂଶ ସ୍ଥିତିରେ ଏହା ଶୋଇବା ବେଳେ ହିଁ ହୋଇଥାଏ । ଏ ଘଟଣା କେହି ଆମକୁ କହିଲା ପରେ ଜଣାପଡ଼ିଥାଏ । ଏହାଦ୍ୱାରା ଦାନ୍ତର ବାହ୍ୟ ଅଂଶରେ ଥିବା ଏନାମଲ ହ୍ରାସ ହୋଇ ଦାନ୍ତ ଭାଙ୍ଗିଯିବାର ଭୟ ବଢ଼ିଥାଏ । ସବୁଠୁ ବାହ୍ୟ ପରତ ଏବଂ କଠୋର ଅଂଶ ହେଉଛି ଏନାମଲଏ । ଏହା ଦାନ୍ତକୁ ବିଭିନ୍ନ ପ୍ରକାର କ୍ଷତିରୁ ରକ୍ଷାକରେ । କିନ୍ତୁ ବ୍ରୁକ୍ସିମ୍ସ ରୋଗରେ ପୀଡ଼ିତଙ୍କ ଠାରେ ଏନାମଲ ଅଂଶ ଶୀଘ୍ର କ୍ଷୟ ହେବାର ସମ୍ଭାବନା ଥାଏ । କାରଣ ଏହି ରୋଗରେ ପୀଡ଼ିତଙ୍କଠାରେ ଅବସାଦର ଲକ୍ଷଣ ଅଧିକ ଦେଖିବାକୁ ମିଳିଥାଏ । ଏଭଳି ସମସ୍ୟା କମ ବୟସର ପିଲାଙ୍କଠାରେ ମଧ୍ୟ ଦେଖା ଦେଇପାରେ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ, ଶୋଇବା ପୂର୍ବରୁ ଅବସାଦମୁକ୍ତ ହେବାକୁ ପ୍ରୟାସ କରନ୍ତୁ । ଅବସାଦ ହ୍ରାସ କରିବାକୁ ଚାହିଁଲେ କମ ଶବ୍ଦରେ ଗୀତ ଶୁଣିପାରିବେ ।

# ମାଆ ବାଙ୍କେଶ୍ୱରୀ

ଗଞ୍ଜାମ ଜିଲ୍ଲା ଦଗପହଣ୍ଡି ଅନ୍ତର୍ଗତ କେରାଣ୍ଡିମାଳ ପାହାଡ଼ରେ ମାଆ ବାଙ୍କେଶ୍ୱରୀଙ୍କ ପୀଠ । ଦେବୀ ପ୍ରତ୍ୟକ୍ଷା । ଦେବୀଙ୍କ ଆବିର୍ଭାବ ସମ୍ପର୍କରେ ଏକ କିମ୍ବଦନ୍ତୀ ପ୍ରଚଳିତ । ତତକାଳୀନ ବଡ଼ଖେମୁଣ୍ଡି ରାଜା ଥିଲେ ଅନନ୍ତ ଅନଙ୍ଗକେଶରୀ । ୧୬୩୨ରୁ ୧୬୮୨ ମଧ୍ୟରେ ତାଙ୍କ ଶାସନକାଳ ଥିଲା ରାଜାଙ୍କୁ ଏକଦା ଦେବୀ ବାଙ୍କେଶ୍ୱରୀ ସ୍ୱପ୍ନାଦେଶ ଦେଲେ ଯେ, ସ୍ଥାନୀୟ ଡୁମୁକା ଗ୍ରାମର ପୂର୍ବ ଦିଗରେ ଜଣେ ଋଷିଙ୍କ ଦ୍ୱାରା ସେ ପୂଜା ପାଉଛନ୍ତି । ତାଙ୍କର ଯଥାଯୋଗ୍ୟ ପୂଜା ବିଧି କରାଯାଉ । ରାଜା ସୈନ୍ୟସାମନ୍ତ ସହ ସେହି ସ୍ଥାନକୁ ଯାଇ ଦେବୀଙ୍କ ଦିବ୍ୟ ରୂପ ଦର୍ଶନ କଲେ । ଦେବୀଙ୍କ ସେବା-ପୂଜା ପାଇଁ ରାମ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ସେବାୟତ ଭାବେ ନିଯୁକ୍ତ କଲେ । ସେହି ସମୟରୁ ରାମ ପ୍ରଧାନଙ୍କ ବଂଶଧର ଦେବୀଙ୍କ ପୂଜକ ଭାବେ କାର୍ଯ୍ୟକରୁଛନ୍ତି । ଏମାନେ ଆଦିବାସୀ ସଂପ୍ରଦାୟର ଏବଂ ଯାନି ରୂପେ ପରିଚିତ । ଦୋଳ ପୂର୍ଣ୍ଣମୀରେ ଦେବୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୁଏ । ଦେବୀଙ୍କୁ ପୂଜାର୍ଚ୍ଚନା କଲେ ଠିକ୍ ସମୟରେ ବର୍ଷା ହେଉଥିବା ସ୍ଥାନୀୟ ଲୋକଙ୍କ



# ବୈଚିତ୍ର୍ୟ ଭରା ବାରଣ୍ଡା

ବାରଣ୍ଡା ବିନା ଘର ଅସମ୍ପୂର୍ଣ୍ଣ ଲାଗେ । ପ୍ରେମ ଭରା ରୋମାଣ୍ଟିକ ମୁହୂର୍ତ୍ତ ହେଉ କି ଅବସାଦ କିମ୍ବା ଏକୁଟିଆ ରହିବା ପାଇଁ ବାରଣ୍ଡା ଖୁବ ଭଲ ସ୍ଥାନ । ଜାଣନ୍ତୁ ବାରଣ୍ଡା ସଜାଇବାର କିଛି ବିଶେଷ ଉଦାହରଣ ।



୧ ଦ୍ୱିତୀୟ ମହଲା ସହ ଲାଗିଥିବା ବାରଣ୍ଡାରେ ପହଞ୍ଚିବା ପାଇଁ ଦୁଇ ତିନିଟି ଶିଡ଼ି ଓହ୍ଲାଇବାକୁ ପଷଡ଼ । ତେବେ ଏହାର ଆକୃତି ଦେଖିଲା ଭଳି । ସାଙ୍ଗମାନଙ୍କ ସହିତ ଚା' ଓ ଖୁସିଗପ ପାଇଁ ଏଇ ବାରଣ୍ଡା ବିଲକୁଲ ଫିଟ୍ ।

୨ ଟିକେ ନିରୋଳାରେ ରହିବାକୁ ଇଚ୍ଛା ହେଉଛି ? ବାରଣ୍ଡାରେ ବସି ସହରର ଦୃଶ୍ୟ ଦେଖି ଏକାକୀତ୍ୱକୁ ଉପଭୋଗ କରନ୍ତୁ ।

୩ ଖୁବ ଛୋଟ ବାରଣ୍ଡା । କାନ୍ଥରେ ଉଜ୍ଜ୍ୱଳ ହଳଦିଆ ରଙ୍ଗ ତଥା ପ୍ରକୃତିର ହାଲକା ସ୍ପର୍ଶ ଅବସାଦ ଦୂରେଇ ମନକୁ ସତେଜ କରିବ ।

୪ ଅର୍ଦ୍ଧ ଚନ୍ଦ୍ରାକାର ବାରଣ୍ଡା ଚାରିପଟେ ଗଛର ମେଳା ! ସକାଳୁ ବାମ୍ପଉଠା ଚା' କପଟିଏ ହାତରେ ଧରି ବସିଲେ ଦିନସାରା ସତେଜ ଲାଗିବ ।

୫- ଲିଭିଂ ରୁମକୁ ଲାଗି ରହିଛି ଏଇ ଛୋଟ ବାରଣ୍ଡା । ରୁମ ଓ ବାରଣ୍ଡା ମଝିରେ ରହିଛି ସ୍ଲାଇଡିଂ ଡୋର । କାଠର ପାର୍ଟିଶନ, ପାରମ୍ପରିକ ଚେୟାର ଓ ସବୁଜିମାରେ ଭରା ବାରଣ୍ଡା ଆପଣଙ୍କ ଜୀବନର ଆବେଗମୟ କ୍ଷଣକୁ ଉଜ୍ଜୀବିତ କରିବ ।

୬- ଲିଭିଂ ରୁମର ଏକ୍ସଟେନ୍‌ଶନ୍ ଭାବରେ ତିଆରି ହୋଇଛି ଏଇ ବାରଣ୍ଡା । କାଚର ସ୍ଲାଇଡିଂ ଡୋର ହେଲା ବିଭାଜିକା । ଘରେ ବସି ସାଙ୍ଗ ସାଥୀମାନଙ୍କ ସହିତ ଖୁସିଗପ ହେବା ସାଙ୍ଗକୁ ସହରର ଦୃଶ୍ୟକୁ ଉପଭୋଗ କରିବାର ଏକ ନିଆରା ବ୍ୟବସ୍ଥା ।

୭- ବାରଣ୍ଡାରେ ନୂଆ ମାତ୍ରା ଆଣିଛି ଏକ ଦୋଳି । ଏକୁଟିଆ କିମ୍ବା ଦୁହେଁ ମିଶି ଅବସର ସମୟ ବିତାଇବା ପାଇଁ ଏହାଠାରୁ ଉପାୟ ଆଉ କ'ଣ ହୋଇପାରେ !



# ବହୁମୂତ୍ରର ପ୍ରତିକାର

**ମେଥି:**
୨ରୁ୩ ଚାମଚ ମେଥି ଗୁଣ୍ଡ ମାଣିରେ ମିଶାଇ ଖାଲି ପେଟରେ ପ୍ରତିଦିନ ସକାଳୁ ପିଇଲେ ଏହି ରୋଗକମିଯାଏ । ଏହା ସହିତ ପାଖୁଡ଼ା ରସୁଣ ଖାଇଲେ ଅଧିକ ଉପକାର ମିଳେ ।

**କୋଳଥ:**
୧୫ଗ୍ରାମ କୋଳଥକୁ ପାଣିରେ ଦିନେ ବତୁରାଇ ରଖନ୍ତୁ । ଏହାକୁ ଛାଣି ଖଶଲି ପେଟରେ ପ୍ରତିଦିନ ପିଇଲେ ବହୁମୂତ୍ର ରୋଗ କମିଯାଏ ।

**ଜାମୁକୋଳି:**
ପାଚିଲା ଜାମୁକୋଳି ମଞ୍ଜିକୁ ଗୁଣ୍ଡ କରନ୍ତୁ । ଏହି ଗୁଣ୍ଡକୁ ସକାଳେ ଖଶଲି ପେଟରେ ଏକ ଚାମଚ ଖାଇଲେ, ବହୁମୂତ୍ର ରୋଗରୁ ମୁକ୍ତି ମିଳେ ।

**ଡିମିରି ଚେର:**
ଏହି ଗଛର ଚେରକୁ ବାଟି ଏକ ମାଟିପାତ୍ରରେ ରଖନ୍ତୁ । ଖାଲି ପେଟରେ ପ୍ରତିଦିନ ୨ରୁ୪ଚାମଚ ଲେଖାଁଏ ଖାଇଲେ ବହୁମୂତ୍ର ରୋଗରୁ ଉପଶମ ମିଳିଥାଏ ।





# ରଙ୍ଗିନ୍ ସରଞ୍ଜାମ



ଫେଶନ୍ କହିଲେ ରଙ୍ଗର ସମନ୍ୱୟ ଏବେ ବସନ୍ତ ଋତୁ ହୋଇଥିବାରୁ ଚାରିଆଡ଼େ ରଙ୍ଗର ଛଟା । ଏହି ସମୟରେ ପୋଷାକ ପରିଧାନରେ ରଙ୍ଗମୟ ପ୍ରଭାବ ରହିଲେ ଏହା ଋତୁ ଓ ଫେଶନ ସହିତ ମେଳ ହୋଇପାରେ । ରଙ୍ଗ ମଧ୍ୟ ମାନସିକ ସ୍ଥିତିକୁ ସୁସ୍ଥ ରଖେ ନୀଳ, କଳା, ଧୂସର ଆଦି ରଙ୍ଗରୁ ମୁକ୍ତ ହୋଇ କିଛି ବହୁରଙ୍ଗୀ ଫେଶନ୍ ସରଞ୍ଜାମ ବ୍ୟବହାର କରନ୍ତୁ । ଇନ୍ଦ୍ରଧନୁ ରଙ୍ଗର ହୁପସ କାନ ରିଂ ପିନ୍ଧିଲେ ଏହା ପ୍ରତ୍ୟେକଙ୍କ ଦୃଟି ଆକର୍ଷଣ କରିପାରିବ । କଲେଜ କିମ୍ବା ବାହାରକୁ ବୁଲି ଯାଉଥିଲେ ଏହାକୁ ଯେକୌଣସି ପୋଷାକରେ ପିନ୍ଧା ଯାଇପାରେ । ପୋଷାକ ସହିତ ମ୍ୟାଚିଂ ପାଇଁ ଚିନ୍ତା କରିବାକୁ ପଡ଼େନାହିଁ । ଏଭଳି କ୍ଲିପ୍ ମଧ୍ୟ ସାଦାସିଧା ପୋଷାକରେ ବି ଭିନ୍ନ ରୂପ ଦେଇପାରେ । ରଙ୍ଗିନ୍ ବ୍ରେସଲେଟ ପିନ୍ଧି ନିଜକୁ ପାରମ୍ପାରିକ ସହିତ ପାଶ୍ଚାତ୍ୟ ରୂପରେ ସଜାଇପାରିବେ ତେବେ କାନରେ ଯଦି ବହୁରଙ୍ଗୀ ରିଂ ପିନ୍ଧିଥାନ୍ତି, ଏହା ସହିତ ଏପରି ବ୍ରେସଲେଟ ପିନ୍ଧନ୍ତୁ ନାହିଁ । କଳା କିମ୍ବା ଅନ୍ୟ ସାଦାରଙ୍ଗର ଟପ୍ ସହିତ ବହୁରଙ୍ଗୀ ଚୋକର ଶୈଳୀର ନେକପିସ୍ ପିନ୍ଧିଲେ ଭଲ ଦେଖାଯାଏ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୧ ଡିସେମ୍ବର ୨୦୨୨, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିକାଶର ଚିତ୍ର...

ବୁଧବାର ଠାରୁ ଆରମ୍ଭ ହେଉଛି ପାଞ୍ଚଦିନିଆ ଶିଳ୍ପ ସମ୍ରାଟଙ୍କ ମହାକୁମ୍ଭ । ଦେଶ-ବିଦେଶରୁ ନାମୀଦାମୀ ଶିଳ୍ପପତିମାନଙ୍କର ସମାଗମ ହେବାକୁ ଯାଉଛି ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ । ଓଡ଼ିଶା ସରକାର ଓ ଶିଳ୍ପ ସମୁଦାୟଙ୍କ ପ୍ରୟାସକ୍ରମେ ହେବାକୁ ଯାଉଥିବା ମହାସମ୍ମିଳନୀରେ ଦେଶ ବିଦେଶରୁ ଆମନ୍ତ୍ରିତ ଶିଳ୍ପପତିମାନଙ୍କୁ ଏକାଠି ମଞ୍ଚାସୀନ ହେବାର ଦେଖିବାକୁ ମିଳିବ । ପାଞ୍ଚଦିନ ବ୍ୟାପୀ ହେବାକୁ ଥିବା ସମାବେଶ ଅନେକ ଦିଗରୁ ମହତ୍ତ୍ୱ ରଖିବ । ପୂର୍ବଥର ଏଭଳି ସମାବେଶ କରାଯାଇ ୨୦୧୮ରେ ରାଜ୍ୟକୁ ଆସିଥିଲା ୪ଲକ୍ଷ କୋଟି । ଚଳିତ ମହାକୁମ୍ଭରେ ରାଜ୍ୟର ବିକାଶର ଚିତ୍ର ଉପସ୍ଥାପିତ ହେବ । ଏବଂ ତାହାରି ଆଧାରରେ ଅଧିକ ମାତ୍ରରେ ନିବେଶ ଆକର୍ଷଣ କରାଯିବାର ପ୍ରୟାସ କରାଯିବ । ବିଦେଶରୁ ଅତିକମ୍‌ରେ ସାତଟି ଦେଶର ଶିଳ୍ପପତି ଆସୁଛନ୍ତି ଏବଂ ଆମ ଦେଶର ଶିଳ୍ପ ଜଗତର ମହାରଥୀମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଥିବାରୁ ଓଡ଼ିଶାବାସୀ ମହାକୁମ୍ଭକୁ ସ୍ୱାଗତ କରୁଛନ୍ତି । ଏସିଆର ୧ନମ୍ବର ଧନୀ ଗୌତମ ଆଦାନୀ, ଶିଳ୍ପପତି ଲକ୍ଷ୍ମୀ ନିବାସ ମିତଲ, କୁମାର ମଙ୍ଗଳମ୍ ବିରଳା, ଅନିଲ ଅଗ୍ରୱାଲ, ନବୀନ ଜିନ୍ଦଲ, ସଜ୍ଜନ ଜିନ୍ଦଲ, ଟାଟା ଷ୍ଟିଲର ଏମଡି ଟିଭି ନରେନ୍ଦ୍ରନ୍, ଡାଲମିଆ ଗ୍ରୁପ୍‌ର ମୁଖ୍ୟ ପୁନିତ୍ ଡାଲମିଆ, ସେଲର ସିଏମ୍‌ଡି ସୋମା ମଣ୍ଡଳ ଏବଂ ଷ୍ଟେଟ୍ ବ୍ୟାଙ୍କର ଅଧକ୍ଷ ଦିନେଶ ଖାରାଙ୍କ ସମେତ ବିଶିଷ୍ଟ ଉଦ୍ୟୋଗପତି ଏହି ସମାବେଶରେ ସମ୍ମିଳିତ ହେଉଥିବା ଦୃଷ୍ଟିରୁ ରାଜ୍ୟରେ ନିବେଶ ସମ୍ଭାବନା ନେଇ ଉଜ୍ଜ୍ୱଳ ଆଶା ସଂଚାର ହୋଇଛି । ବିପୁଳ ପ୍ରାକୃତି ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା କିଭଳି ପ୍ରଗତି ପଥରେ ଆଗେଇବ, ସେହି ଦିଗରେ ଦିଶା ନିରୂପଣ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକ୍ରମେ ମୁମ୍ବାଇ, ବେଙ୍ଗାଲୁରୁ, ହାଇଦରାବାଦ ଭଳି ରାଜଧାନୀରେ ନିବେଶମାନଙ୍କୁ ଓଡ଼ିଶାରେ ଅଧିକରୁ ଅଧିକ ନିବେଶ ପାଇଁ ଆଗ୍ରହ ସୃଷ୍ଟି ପାଇଁ କନ୍‌କ୍ଲେଭମାନ କରାଯାଇଛି । ତାହା ରାଜଧାନୀ ଭୁବନେଶ୍ୱରରେ ମହାକୁମ୍ଭ ପାଇଁ ପୂର୍ବାଭ୍ୟାସ ଭଳି ଥିଲା । ପାଞ୍ଚଦିନ ବ୍ୟାପୀ କାର୍ଯ୍ୟକ୍ରମ ଭିତରେ 'ମେକ୍ ଇନ୍ ଓଡ଼ିଶା'ର ପ୍ରଗତି ନେଇ ବିସ୍ତୃତ ବିତର୍କ ହେବାର ଅଛି । ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ହୋଇଥିବା ଉନ୍ନତି ନେଇ ଚିତ୍ର ରଖାଯିବ ଏବଂ ଷ୍ଟାର୍ଟ ଅପ୍ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ । ଶିଳ୍ପ ଜଗତର ମୁଖ୍ୟମାନେ ଲିଡରସିପ୍ କନ୍‌କ୍ଲେଭରେ ମିଳିତ ହେବେ ଏବଂ ସମସ୍ତ ଦିଗ ଉପରେ ବିଚାର ଉପସ୍ଥାପନ କରିବେ । କେବଳ ସେତିକି ନୁହେଁ ବିଭିନ୍ନ ଦିନରେ ମହିଳା ଉଦ୍ୟୋଗୀମାନଙ୍କର କର୍ମଶାଳା ହେବ ଏବଂ ରାଜ୍ୟରେ ବିକାଶରେ ସେମାନଙ୍କ ଯୋଗଦାନ ଉପରେ ଚର୍ଚ୍ଚା ହେବ । ତିନିଟି ପ୍ରଦର୍ଶନୀ ହଲ୍‌ର ବ୍ୟବସ୍ଥା ହୋଇଛି ଏବଂ ସେଗୁଡ଼ିକରେ ବିଭିନ୍ନ ଦିଗରେ ଓଡ଼ିଶାର ବିକାଶର ଚିତ୍ର ସ୍ଥାନିତ ହେବାର ବ୍ୟବସ୍ଥା ରହିଛି । ପାଞ୍ଚଟି ସମ୍ମିଳନୀ କକ୍ଷର ବ୍ୟବସ୍ଥା କରାଯାଇଛି । ଭିଭିଆଇପିଙ୍କୁ ଆତିଥେୟତାରେ ଯେଭଳି କିଛି ସମସ୍ୟା ନରହିବ, ସେଥିପାଇଁ କରାଯାଇଛି ନିଶ୍ଛିଦ୍ର ସୁରକ୍ଷା ବ୍ୟବସ୍ଥା । ପ୍ରସଙ୍ଗଭିତ୍ତିକ ବିତର୍କ ପାଇଁ ପାଭିଲିଅନ୍ ସହିତ ସାଂସ୍କୃତି କାର୍ଯ୍ୟକ୍ରମର ବ୍ୟବସ୍ଥା ରଖାଯାଇଛି । ରାଜ୍ୟ ତଥା ବାହାରୁ ଆସୁଥିବା ଇଲେକ୍‌ଟ୍ରୋନିକ ତଥା ମୁଦ୍ରଣ ଗଣମାଧମ ପ୍ରତିନିଧିମାନଙ୍କୁ ସୂଚନା ପରିବେଷଣ ଲାଗି ରଖାଯାଇଛି ସ୍ୱତନ୍ତ୍ର ପ୍ରକୋଷ୍ଠ । ମୁଖ୍ୟମନ୍ତ୍ରୀ ଓ ଭିଆଇପିମାନଙ୍କ ଲାଗି ସ୍ୱତନ୍ତ୍ର ଲାଉଜ୍ ନିର୍ମିତ ହୋଇଛି । ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଉଦ୍ୟୋଗପତିମାନଙ୍କୁ ଆକୃଷ୍ଟ କରିବା ଏବଂ ସେମାନଙ୍କ ଭିତରେ ରାଜ୍ୟର ବିକାଶର ଚିତ୍ର ନେଇ ଆଗ୍ରହ ସୃଷ୍ଟି ସକାଶେ ପ୍ରଯତ୍ନ କରିବା ହେଉଛି ଏହି କନ୍‌କ୍ଲେଭ୍‌ର ପ୍ରକୃତ ଆଭିମୁଖ୍ୟ । ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଉଦ୍ୟୋଗପତିମାନଙ୍କୁ ଆକୃଷ୍ଟ କରିବା ଏବଂ ସେମାନଙ୍କ ଭିତରେ ରାଜ୍ୟର ବିକାଶର ଚିତ୍ର ନେଇ ଆଗ୍ରହ ସୃଷ୍ଟି ସକାଶେ ପ୍ରଯତ୍ନ ହେଉଛି ଏହି କନ୍‌କ୍ଲେଭ୍‌ର ପ୍ରକୃତ ଆଭିମୁଖ୍ୟ । ଅତୀତ ଦିନରେ ଏହିଭଳି ପ୍ରୟାସ ହୋଇଛି ଏବଂ ଏବେ ନିରନ୍ତରତା ରହିଛି । ପ୍ରଶାସନକୁ ନୂତନ ଉଦ୍ୟୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ପାଇଁ କାର୍ଯ୍ୟରେ ଲଗାଇବା ଦାୟିତ୍ୱ ନେତୃତ୍ୱର । ସେଥିପାଇଁ ପ୍ରଶାସନ ଓ ପ୍ରଶାସକ ମନପ୍ରାଣ ଦେଇ ଲାଗିବା ସକାଶେ ନେତୃତ୍ୱ ହିଁ ପ୍ରୋତ୍ସାହନ ଦେବାକୁ ଚାହିଁ । ଶିଳ୍ପ- ଅନୁକୂଳ ପରିବେଶ ସୃଷ୍ଟି ସହିତ ତ୍ରୁଟି ବିଚ୍ୟୁତି ପରିହାର ପାଇଁ ଦୂରଗାମୀ ପ୍ରସ୍ତୁତି ଚଳାଇବା ପାଇଁ ହେଉଥିବା ମହାକୁମ୍ଭ ଏକ ସଫଳ ପଦକ୍ଷେପ ବୋଲି କୁହାଯାଇପାରିବ । ଦେଶ ବିଦେଶର ପ୍ରମୁଖ ନିବେଶକାରୀମାନଙ୍କ ଉପସ୍ଥିତି ଓଡ଼ିଶାରେ ଉଦ୍ୟୋଗ ନିମନ୍ତେ ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଛି । ତେଣୁ ଆଗାମୀ ଦିନରେ ଏହିସବୁ ନିବେଶକମାନେ ରାଜ୍ୟରେ ପୁଂଜି ଖଟାଇବା ଓ ଉଦ୍ୟୋଗ ସ୍ଥାପନ କରିବାକୁ ଆଗ୍ରହୀ ହେବେ । ଏହା ରାଜ୍ୟରେ ଉଦ୍ୟୋଗର ଧାରାକୁ ପ୍ରଖରିତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିକୁ ସୁଦୃଢ଼ କରିବ ବୋଲି କୁହାଯାଇପାରେ ।

# ଏଡ଼୍‌ସ : ଏହି ଡ଼ର ସଭିଙ୍କୁ



ପ୍ର.ଡା.ଜୟନ୍ତ କୁମାର ପଣ୍ଡା



ଏଡ଼୍‌ସ । ଏହି ଡ଼ର ସଭିଙ୍କୁ । ଗର୍ଭସ୍ଥ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ । ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ ଏଡ୍‌ସ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି । ଗତ ଦିଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ ଆରମ୍ଭ କରି ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ୍‌ସର କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି । ପ୍ରାରମ୍ଭିକସ୍ତରରେ ଏଡ୍‌ସ ସଚେତନତା ମହିଳା ଓ ପୁରୁଷ ଯୌନ କର୍ମୀ, ଟ୍ରକ ଡ୍ରାଇଭର ଓ ହିଞ୍ଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ ଏବେ ବି ଏଡ଼୍‌ସର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ଼୍‌ସ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି । ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏନେଇ ସଚେତନତା କରିବା ଦିଗରେ 'ହୁ' ଗୁରୁତ୍ୱାରୋପ କରିଛି ।

ବର୍ତ୍ତମାନ ଏଡ଼୍‌ସ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି : ଆଉ ଜଣକୁ ବି ଏଡ଼୍‌ସ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ଼୍‌ସ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବା ନାହିଁ କି ଏଡ଼୍‌ସ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ । ତେବେ ଚଳିତବର୍ଷ ବିଶ୍ୱ ଏଡ୍‌ସ ଦିବସ ଅବସରରେ କିଶୋର ମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି । 'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ଼୍‌ସରେ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ଼୍‌ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ୍‌ସ ପଞ୍ଝାରେ ପଡ଼ି ଯାଇଛନ୍ତି । ବିଶେଷକରି ଅସୁରକ୍ଷିତ ଯୌନ ସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ଜଣ ଏଡ଼୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି । ସର୍ବାଧିକ ଏଡ଼୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି । ସେହିପରି ସର୍ବଭାରତୀୟ ସ୍ତରରେ ଏଡ଼୍‌ସ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ । ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ଼୍‌ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧ ।

୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ଼୍‌ସ ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇ ପାରୁନଥିବାରୁ କିଶୋର ମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି । ଯେଉଁଥିପାଇଁ ଏଡ଼୍‌ସ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା । କିନ୍ତୁ ଧୀରେ ଧୀରେ ଏନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି । ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି ହୁ ପକ୍ଷରୁ କୁହାଯାଇଛି । ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନ ସମ୍ପର୍କ ରକ୍ଷା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି । ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ଼୍‌ସ ପରୀକ୍ଷା ପାଇଁ ଚାହୁଁଥିଲେ ମଧ ସମାଜରେ ଏନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷାର କରିପାରୁନାହାନ୍ତି । ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି । ସେହିପରି ଡ୍ରଗ୍ ବ୍ୟବହାରକାରୀ ମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶା ସେବନ କରୁଥିବାରୁ ଏଡ଼୍‌ସର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି । ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନତା କରିବା ଦିଗରେ ହୁ, ନାକୋ ସମେତ ଓସାକ୍ ମଧ ପଦକ୍ଷେପ ଗ୍ରହଣ କରିଛି । ବିଶ୍ୱ ଏଡ଼୍‌ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ଼୍‌ସ୍ ପରି ଭୟାନକ ରାକ୍ଷାସ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ର ଶପଥର ସଂକଳ୍ପ ଦିବସ ହେଉ । ତେବେ ବଡ଼ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ଼୍‌ସ୍‌ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି । ସମାଜରେ ଭୟାବହ କୁହାଯାଉଥିବା ଏଡ଼୍‌ସ୍ ଓ ହେପାଟାଇଟିସି ବି ଉଭୟ ସମ ଭାବରେ ସଂକ୍ରମଣ ହୁଅନ୍ତି । ଯାହାଦ୍ୱାରା ବିଶେଷକରି ଦାଦନମାନେ ବାହାର ରାଜ୍ୟକୁ ଯାଉଥିବାରୁ ତଥାକଥିତ ଅଞ୍ଚଳରେ ଦାଦନ ମାନଙ୍କ ଦ୍ୱାରା ଏଡ଼୍‌ସର ସମ୍ଭାବ୍ୟ ଭୟ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଏଡ଼୍‌ସ ସେଲ ମଧ ଗଠନ ହୋଇ ଏଡସ୍ ନିରାକରଣ ତଥା ଏହାକୁ ସଚେତନ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ସଫଳ ହେଉଛି । ତେବେ ଏହି ଦାୟିତ୍ୱକୁ ଆମ ସମାଜରେ ସମସ୍ତଙ୍କ ଭିତରେ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ବିଚାର କଲେ ସମାଜରେ ଏଡ଼୍‌ସ୍ ରାକ୍ଷାସର ମୂଳପ୍ୱୋଟନ ସମ୍ଭବ ହୋଇପାରିବ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଭେଷଜ ବିଭାଗ, ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ,
ମୋ: ୦୬୭୧୨୩୦୨୩୦୦

# ସତର୍କ ହେବା ଏଡ଼୍‌ସରୁ ବର୍ତ୍ତିବା



ବୈଷ୍ଣବ ମେହେର




ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନସି ସିଣ୍ଡୋମ (ଏଡ଼ସ୍ ) ବା ଅର୍ଜିତ ରୋଗ ପ୍ରତିରୋଧକ ଶକ୍ତି ହ୍ରାସକାରୀ ଲକ୍ଷଣ ସମୂହ, ଅତ୍ୟାଧୁନିକ ବିଶ୍ୱର ଅନ୍ୟତମ ଘାତକ ମହାମାରୀ ଭାବରେ ଉଭା ହୋଇଛି । ଏଚଆଇଭି ଅର୍ଥାତ୍ ହ୍ୟୁମାନ ଇମ୍ୟୁନୋଡ଼େଫିସିଏନସି ଭାଇରସ୍ ଦ୍ୱାରା ସଂକ୍ରମିତ ହେଉଥିବା ଏହି ରୋଗରୁ ବଂଚି ରହିବାକୁ ହେଲେ ମଣିଷକୁ ସଚେତନ, ସତର୍କତା ଓ ଆତ୍ମସଂଯମତା ରଖିବା ଜରୁରୀ । ଯେକୌଣସି ବୟସର ବ୍ୟକ୍ତିଙ୍କୁ ଏଚଆଇଭି ଆକ୍ରାନ୍ତ କରିପାରେ । ଏହା ଯୋଗୁଁ ମଣିଷ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଗୁରୁତ୍ୱର ଭାବରେ ସଂକ୍ରମଣର ଶିକାର ହୋଇଥାଏ । ଯାହା ଫଳରେ ଶରୀର ସାଧାରଣ ରୋଗ ଗୁଡ଼ିକୁ ମଧ୍ୟ ପ୍ରତିରୋଧ କରି ପରୁ ନଥିବାରୁ ଏଚଆଇଭି ସଂକ୍ରମିତ ରୋଗୀ ପ୍ରାୟତଃ ମୃତ୍ୟୁ ମୁଖରେ ପଡ଼ିଥାଏ । ଅବଶ୍ୟ ବର୍ତ୍ତମାନ ଚିକିତ୍ସା ବିଜ୍ଞାନର ବ୍ୟାପକ ଉନ୍ନତି ପରେ ଏଚଆଇଭି ପୀଡ଼ିତଙ୍କ ମୃତ୍ୟୁ ଆଶଙ୍କାକୁ କିଛିକାଂଶରେ କମା ଯାଇ ପାରିଛି । କିନ୍ତୁ ଏଡସ୍‌ର ସଂପୂର୍ଣ୍ଣ ଉପଚାର ଏଯାଏଁ ସମ୍ଭବ ନହେବା, ଏହି ରୋଗ ପ୍ରତି ରହିଥିବା ଭୟାବହତକୁ ବଢ଼ାଇ ଚାଲିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ୨୦୨୦ ସୁଦ୍ଧା ବିଶ୍ୱରେ ୪ କୋଟିରୁ ଅଧିକ ଲୋକ ଏଚଆଇଭି ଏଡସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ସେଥି ମଧ୍ୟରୁ ୨୧ ଲକ୍ଷରୁ ଅଧିକ ସଂଖ୍ୟକ କିଶୋର ରହିଥିବା ନିଶ୍ଚିତ ଉଦବେଗର ବିଷୟ। ମୁଖ୍ୟତଃ ଅସୁରକ୍ଷିତ ଯୌନ ସଂପର୍କ ଯୋଗୁଁ ଏଡସ୍ ସଂକ୍ରମଣ ବୃଦ୍ଧି ଘଟୁଥିବା ବେଳେ ଡ୍ରଗ୍ସ ଭଳି ବିଭିନ୍ନ ମାରାତ୍ମକ ନିଶା ସେବନ କରି କମ ବୟସର ପିଲାମାନେ ଏଭଳି ଯୌନ ସଂପର୍କ ଭିତରକୁ ଠେଲି ହୋଇ ଯାଉଥିବାରୁ ସେମାନେ ସହଜରେ ଏଡସ୍‌ର ଜାଲରେ ଛନ୍ଦି ହୋଇ ଯାଉଛନ୍ତି ।

ଅସୁରକ୍ଷିତ ଯୌନ ସଂପର୍କ ବ୍ୟତିତ ଆହୁରି ଅନେକ ମାଧ୍ୟମରେ ଏଚଆଇଭି ଜଣେ ବ୍ୟକ୍ତି ଠାରୁ ଅନ୍ୟ ଜଣଙ୍କ ପାଖକୁ ସଂକ୍ରମିତ ହୋଇପାରେ। ସଂକ୍ରମିତ ରକ୍ତ ନେବା, ଇଞ୍ଜେକସନ ନେବା ବେଳେ ସଂକ୍ରମିତ ଛୁଂଚିର ବ୍ୟବହାର, ସେଭିଂ କଲା ବେଳେ ସଂକ୍ରମିତ ବ୍ଲେଡ୍‌ର ବ୍ୟବହାର, ସଂକ୍ରମିତ ମହିଳା ଶିଶୁକୁ ସ୍ତନପାନ କରାଇବା ଆଦି ଦ୍ୱାରା ମଧ୍ୟ ଏଡସ୍ ସଂକ୍ରମିତ ହୋଇଥାଏ । ଏଚଆଇଭି ସଂକ୍ରମଣକୁ ଏଡ଼ାଇବା ପାଇଁ ସୁରକ୍ଷିତ ଯୌନ ସଂପର୍କ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏଥିସହ ଇଞ୍ଜେକସନ୍ ନେବା ବେଳେ, ରକ୍ତ ନେବା କିମ୍ବା ଦେବା ବେଳେ ଏସବୁ ଦିଗରେ ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ବିଧେୟ । ଏକ ତଥ୍ୟ ଅନୁସାରେ ବିଶ୍ୱରେ ପ୍ରତିଦିନ କେବଳ ୯୮୦ ଜଣ ଶିଶୁ ଏଚଆଇଭି ଭାଇରସର ଶିକାର ହୋଇଥାନ୍ତି ଏବଂ ସେଥି ମଧ୍ୟରୁ ୩୨୦ ଜଣଙ୍କର ମୃତ୍ୟୁ ହୋଇଯାଇଥାଏ । ବର୍ତ୍ତମାନ ଯୁଗର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ଏଡସ ଅନ୍ୟତମ ହୋଇଥିବାରୁ ଏହି ମାରାତ୍ମକ ରୋଗ ସଂପର୍କରେ ଲୋକଙ୍କୁ ସହଜରେ ଅବଗତ ଓ ସଚେତନ କରାଯାଇ ଏଡସ୍ ପୀଡ଼ିତ ଲୋକଙ୍କୁ ଅନ୍ୟ ସାଧାରଣ ମଣିଷଙ୍କ ପରି ଜୀବନ ବିତାଇବାକୁ ସୁଯୋଗ ଦେବା ପାଇଁ ୧୯୮୮ ମସିହା ଠାରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ୧କୁ ଅନ୍ତର୍ଜାତିକ ଏଡସ୍ ଦିବସ ଭାବରେ ପାଳନ କରାଯାଇ ଆସୁଛି । ୧୯୮୬ ମସିହାରେ ଆମ ଦେଶରେ ପ୍ରଥମ ଏଡ଼ସ୍ ରୋଗୀର ଚିହ୍ନଟ ପରେ ଏହି ରୋଗ ପ୍ରତି ସତର୍କତା ଓ ପ୍ରତିକାର ବ୍ୟବସ୍ଥା ନେଇ ଜନସଚେତନତା ବୃଦ୍ଧି ପାଇବାରେ ଲାଗିଲା । ଏଚଆଇଭି ସଂକ୍ରମିତ ସଂଖ୍ୟା ଦୃଷ୍ଟିରୁ ୧୩.୩୩୯% ସହ ଦକ୍ଷିଣ ଆଫ୍ରିକା ବିଶ୍ୱରେ ପ୍ରଥମ ଓ ୭.୬୪୬% ସହ ମୋଜାମ୍ବିକ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ୦.୧୬୪% ସହ ଭାରତ ତୃତୀୟ ସ୍ଥାନରେ ରହିଥିବା ଜଣାଯାଏ । ୨୦୦୨ ମସିହାରୁ ୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ ପ୍ରାୟ ୫୨,୦୬୭ ଏଡ଼ସ୍ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି । କେବଳ ୨୦୨୦ରେ ୨୯୬୩ ଜଣ ନୂଆଁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ତେବେ ଆସନ୍ତା ୨୦୩୦ ସୁଦ୍ଧା ଓଡ଼ିଶାକୁ ଏଡ଼ସ୍ ମୁକ୍ତ କରିବାକୁ ରାଜ୍ୟ ଏଡ଼ସ୍ ନିୟନ୍ତ୍ରଣ ସମିତିର ପ୍ରୟାସକୁ ନିଶ୍ଚିତ ସାଧୁ ଉଦ୍ୟମ ବୋଲି କୁହାଯିବ । କିନ୍ତୁ ସାଧାରଣ ଲୋକେ ଏ ଦିଗରେ ସଚେତନ ହେଲେ ହିଁ ଏଡ଼ସ୍ ନିୟନ୍ତ୍ରଣ ସମିତିର ଏହି ମହତ ପ୍ରୟାସ ଅଚିରେ ସଫଳ ହୋଇ ପାରିବ । ଏକ ରିପୋର୍ଟ ଅନୁଯାୟୀ ଆମ ରାଜ୍ୟର ଏଚଆଇଭି ସଂକ୍ରମିତ ବ୍ୟକ୍ତି ମାନଙ୍କ ମଧ୍ୟରେ ୨୫ରୁ ୪୯ ବର୍ଷର ବ୍ୟକ୍ତି ସର୍ବାଧିକ ରହିଛନ୍ତି । ୨୫,୨୭୨ ଜଣ ପୁରୁଷ ଓ ୧୨,୨୮୭ ଜଣ ମହିଳାଙ୍କୁ ମିଶାଇ ସମୁଦାୟ ୩୭,୫୫୯ ଅର୍ଥାତ ମୋଟ ଆକ୍ରାନ୍ତଙ୍କ ୭୬ ପ୍ରତିଶତ ବ୍ୟକ୍ତି ଏହି ବୟସର ରହିଛନ୍ତି । ୫୦ ବର୍ଷରୁ ଅଧିକ ୩୫୬୭ ଅର୍ଥାତ ୭ ପ୍ରତିଶତ, ୧୫ ରୁ ୨୪ ବର୍ଷର ୪୬୭୯ ଅର୍ଥାତ ୧୦ ପ୍ରତିଶତ ଓ ୧୪ ବର୍ଷରୁ କମ୍ ମଧ୍ୟ ୭ ପ୍ରତିଶତ ସଂକ୍ରମିତ ବ୍ୟକ୍ତି ରହିଥିବା ଜଣାପଡ଼ିଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଏହି ସମୁଦାୟ ଏଚଆଇଭି ସଂକ୍ରମିତଙ୍କ ମଧ୍ୟରୁ ୮୮ ପ୍ରତିଶତ ଅର୍ଥାତ ୪୩,୨୪୫ ବ୍ୟକ୍ତି ଅସୁରକ୍ଷିତ ଯୌନ ସଂପର୍କ କାରଣରୁ ଏହି ମହାମାରୀର ଶିକାର ହୋଇଛନ୍ତି । ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରୁ ସଂକ୍ରମିତ ରକ୍ତ ଯୋଗୁଁ ୬୭୨ ଜଣ, ସଂକ୍ରମିତ ଛୁଂଚି ଓ ସିରିଞ୍ଜ ଯୋଗୁଁ ୭୩୧ ଜଣ ଏଡ଼ସ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି ।

ଏକମାତ୍ର ସଚେତନତା ହିଁ ଏଡ଼ସ୍ ରୋଗରୁ ବର୍ତ୍ତିବାର ମୁଖ୍ୟ ଉପାୟ ହୋଇଥିଲେ ମଧ୍ୟ ଲୋକ ଲଜ୍ୟା କାରଣରୁ ଅନେକ ଏଡ଼ସ୍ ସଂକ୍ରମିତ ନିଜ ଚିକିତ୍ସା କରାଇବାକୁ କୁଣ୍ଠାବୋଧ କରିଥାନ୍ତି । ଏହା ବ୍ୟତିତ ସାମାଜିକ ଭେଦଭାବ, ସଂପର୍କିୟଙ୍କ ସହଯୋଗର ଅଭାବ ତଥା ହୀନମାନ୍ୟତା ଆଦି କାରଣରୁ ଅନେକ ବ୍ୟକ୍ତି ନିଜ ରୋଗ ସଂପର୍କରେ କାହାରିକୁ ଜଣାଉ ନଥିବାରୁ ଏହା ଧିରେଧିରେ ଘାତକ ସାବ୍ୟସ୍ତ ହୋଇଥାଏ । ତେଣୁ ସମସ୍ତ ଆଶଙ୍କା ଓ ଦ୍ୱିଧାକୁ ଏଡ଼ାଇ ଦେଇ ଏଡ଼ସ୍ ଚିହ୍ନଟ କ୍ଷଣି ସାଙ୍ଗେସାଙ୍ଗେ ଚିକିତ୍ସା କରାଇପାରିଲେ ମୂଲ୍ୟବାନ ଜୀବନ ବଂଚିଯିବା ସହ ଏହା ସମଗ୍ର ମାନବ ସମାଜ ନିମିତ୍ତ ଶୁଭପ୍ରଦ ହେବ ।

ସିନାପାଲି, ନୂଆପଡ଼ା






## କୃତଜ୍ଞ

ବିବୁଲ୍ ମହାକୁର

ତୋ ଜୀବନ ଡାଏରୀର
ଅମୂଲ୍ୟ ସମୟରୁ କେଇ ବୁନ୍ଦା,
ମୋ ସହ ବିତେଇବା ପାଇଁ
ମୁଁ ତୋ ଠାରେ ଚିର କୃତଜ୍ଞ।
ମୋ ଜୀବନ ଯାତ୍ରାର
ଅନ୍ତିମ ପାଦ କେଉଁଠି ଜାଣେନା
ତୋ ସହ ଚାଲିଥିବା କେଇ ପାଦ
ପାଇଁ
ମୁଁ ତୋ ଠାରେ ଚିର କୃତଜ୍ଞ।
ସମ୍ପର୍କର କେଉଁ ପରିଭାଷା
ମତେ ତୋ ସହ ବାନ୍ଧିଛି,
ସେ କଥା ମତେ ଅଜଣା
ମାତ୍ର ମତେ ଆପଣେଇବା ପାଇଁ
ମୁଁ ତୋ ଠାରେ ଚିର କୃତଜ୍ଞ।
ନିରାଶ୍ରିତ ଯାଯାବର ଥିଲା ଜୀବନ
ଜୀବନକୁ ଜିଇଁବା ଶିଖେଇ ଦେଲୁ,
ଗୁରୁ ନ ହେଲେ ବି
ମୁଁ ତୋ ଠାରେ ଚିର କୃତଜ୍ଞ।
ମୁଁ କ୍ଷୁଦ୍ର ହେଲେବି ବୃହତ କହି
ପ୍ରେରଣା ଭରିଥିବା
ତୋର ପ୍ରତିଟି ଶବ୍ଦ ପାଇଁ
ମୁଁ ତୋ ଠାରେ ଚିର କୃତଜ୍ଞ।
ଜାଣେନା ଜୀବନରେ ଆଉ କେବେ
ତୋ ସହ ଦେଖାହବ,
କିନ୍ତୁ ପ୍ରତିଟି କ୍ଷଣରେ
ମୋ ସହଥିବା ତୋ ଆବେଗ ପାଇଁ
ମୁଁ ତୋ ଠାରେ ଚିର କୃତଜ୍ଞ।

+ ବୁର୍ଦ୍ଦା, ଲୋଇସିଂହା, ବଲାଙ୍ଗୀର
ମୋ. ନଂ - ୮୨୪୯୭୦୨୨୫୨

## ଶୀତ ଆମର ମିତ

ରମେଶ ଚନ୍ଦ୍ର ନାୟକ



ଝୁଲି ଝୁଲିକା ଆସୁଛି ଶୀତ
କାକର ପଡ଼ିଲାଣି
ଧରଣୀ ମାଆ ସବୁଜ ବେଶେ
ସୁନ୍ଦର ଦିଶିଲାଣି ।।

ପନି ପରିବା ଫଳ ମୂଳରେ
ବଜାର କମ୍ପିଲାଣି
ଧାନ କଟାରେ ଚାଷୀ ଶ୍ରମିକ
ଅମଳେ ମାତିଲେଣି ।।

ବଗିଚା ହସେ ଫୁଲ ଗହଳେ
ଭଅଁର ଗାଏ ଗୀତ
ପରଜାପତି ଉଡ଼ି ବୁଲଇ
ସ୍ୱାଗତ କରେ ଶୀତ ।।

ଓଡ଼ିଆ ଘରେ ବସିଲା ମାଣ
ଘରେ ଘରେ ଲକ୍ଷ୍ମୀପୂଜା
ଧର୍ମାନୁଷ୍ଠାନେ ଲାଗଇ ଭିଡ଼
ଚାରିଆଡେ ଧର୍ମ ଚର୍ଚ୍ଚା ।।

ଗାଧୁଆ ତୁଠେ ଦେହ ଥରଇ
ପାଣି ଦେଖି ଲାଗେ ଡର
ପ୍ରିୟ ପଖାଳ ହୁଏନି ଖାଇ
ପାଟି ଖୋଜେ ଉଷୁମର ।।

ଦେହ ଖୋଜଇ କଅଁଳ ଖରା
ରାତିରେ କମ୍ବଳ କନ୍ଥା
ଗରମ ଚାହା ବରା ପକୁଡ଼ି
ପାଟିକୁ ସୁଆଦ ଯଥା ।।

ହେମାଳ ବାଆ କୁହୁଡି କାୟା
ଲୋକେ ଭୋଗନ୍ତି କଷ୍ଟ
ନାହିଁ ପ୍ରବଳ ଗ୍ରୀଷ୍ମ କି ବର୍ଷା
ସେ କଷ୍ଟ ହୁଏ ଭ୍ରଷ୍ଟ ।।

ବର୍ଷକ ପରେ ଆସଇ ଶୀତ
କରଇ ଜଗତ ହିତ
ଶୀତ ଆସଇ ଶୀତ ଋତୁରେ
ଶୀତ ଆମର ମିତ ।।

+ କେଶରପୁର,
ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

## ଏବେ କାର ଶୀତ ସନ୍ଧ୍ୟା

ଦିନେଶ ମେହେର



ଆଉ ନାହିଁ
ସେ ସୁନେଲୀ ରଙ୍ଗର ଧାନ ବିଲ !
ଅଛି କେବଳ କୋଠା ଆଉ କୋଠା
ଚାଷୀଭାଇର ଉତ୍ସୁକତାର ଗୀତ ଆଉ
ଶୁଭୁ ନାହିଁ,
ଶୁଭୁଛି କେବଳ ଗାଡ଼ି ମୋଟରର
ବିକଟାଳ ଗର୍ଜନ,
ମାଟି ର ମାନବ ଆଜି ପାଲଟି ଯାଇଛି
ଯନ୍ତ୍ର ମାନବ,
ନିର୍ଭର ରହୁଛି ଯନ୍ତ୍ର ଉପରେ।
ଯଦି ବି କୋଉଠି ରହିଛି
ସୁନେଲୀ ରଙ୍ଗର ଧାନ ବିଲ
ଆଉ ନାହିଁ ଦାଆ କଟୁରୀର
ଆବଶ୍ୟକତା,
କେବଳ ରହିଛି ହାର୍ଭେଷ୍ଟର,
କମ୍ବାଇନ୍‌ର
ପ୍ରଚୁର ବ୍ୟବହାର।

ଏବେ ଆଉ ଦିଶୁ ନାହିଁ ସନ୍ଧ୍ୟାରେ
ବବ୍ଲୁ ଡବ୍ଲୁମାନଙ୍କ ଚୋର ପୁଲିସ
ଖେଳ !
ଅଛି କେବଳ ମୋବାଇଲ ଗେମିଂ।
ଦେଖିବାକୁ ମିଳୁନି
ଦାଣ୍ଡ ଦୁଆରେ ଗୋ ଧୂଳି,
ଅଛି କେବଳ ପ୍ଲାଷ୍ଟିକ ଆଉ ପ୍ଲାଷ୍ଟିକ।
ସନ୍ଧ୍ୟାରେ ଆଉ ନାହିଁ
କୁହୁଡ଼ିର ସତେଜ ପରସ୍ତ,
ଅଛି କେବଳ ଧୂଆଁ ଆଉ ଧୂଆଁ।

ଶୀତ ସନ୍ଧ୍ୟା ଆଉ ନାହିଁ ମନୋରମ
ଅଛି କେବଳ ଭେଜାଲ ମାହୋଲ
ଆଉ ନାହିଁ ସେଇ ନିଆଁ ସେକା
ବୟସ୍କ ବ୍ୟକ୍ତିଙ୍କ ସମାଗମ।
ଅଛି କେବଳ
ରୁମ୍ ହିଟର୍ ଏବଂ ଏୟାର କଣ୍ଡିସ୍ନର।

+ ପଳାସ, କଳାହାଣ୍ଡି



## ଚାଷୀ

ଜଗଦୀଶ ସାହୁ

ଶୀତ ସକାଳରେ ପଖାଳ ଖାଇ
ବିଲକୁ ଚାଷୀଟି ଯାଉଛି ଧାଇଁ
ଅଣ୍ଟାରେ କରିଆ ଦେଇଛି ଭିଡି
ପାଟିରେ ଟାଣୁଛି ଖଣ୍ଡିଆ ବିଡି
ଥଣ୍ଡା କାକରକୁ ନାହିଁ ଖାତର
ଅନ୍ନଦାତା ପରା ସିଏ ଆମର
ପାଚି ଶୋଭାଦିଶେ କ୍ଷେତରେ ଧାନ
ଦେଖି ଖୁସି ହୁଏ ଚାଷୀର ମନ
ଦାଆରେ ଧାନକୁ କାଟି ପକାଇ
ବିଡାବାନ୍ଧି ତାକୁ ଆଣିବ ବୋହି
ଅମଳ କରିବ ଖଳାରେ ଥୋଇ
ବରଷେ ଖାଇବ ଆନଂଦ ହୋଇ
ବଳିଲା ଧାନକୁ ବଜାର ନେବ
ଆନଜନ ତୁଣ୍ଡେ ଆହାର ଦେବ
ଚାଷ ଆଗେଇଲେ ହସିବ ଚାଷୀ
ଖୁସିରେ ରହିବେ ଭାରତବାସି !

+ ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬






# ନମସ୍କାର ଏକ ଶୁଭ ସଂକଳ୍ପ

## ପୁଷ୍ପଲତା ମିଶ୍ର



ନମସ୍କାର ଏକ ଛୋଟିଆ ଶବ୍ଦ ଯାହାକି ସମସ୍ତଙ୍କ ପାଖରେ ନିତ୍ୟ ପରିପ୍ରକାଶ ହୁଏ । ପ୍ରତ୍ୟେକ ଦିନ ଓ ପ୍ରତ୍ୟେକ ମୁହୂର୍ତ୍ତରେ, କୌଣସି ସମୟ ହେଉ କିମ୍ବା ଯିବା ଆସିବା, ଦେଖା ସାକ୍ଷାତରେ ନମସ୍କାରର ଆଦାନ ପ୍ରଦାନ ହୋଇଥାଏ । ଏହା ଗୋଟିଏ ନିତ୍ୟ ମୌଳିକ ପାରିବାରିକ, ସାମାଜିକ ଓ ପୌରାଣିକର ଏକ ପ୍ରଚଳିତ ଶବ୍ଦ ଏମିତି କି ଆଜି କାଲି ଡିଜିଟାଲ ସମୟରେ ଫୋନରେ କଥା ହେବାର ଅୟମାରମ୍ଭରୁ ନମସ୍କାରର ଆଦାନ ପ୍ରଦାନ ହୁଏ । ଏହା ଆଦ୍ୟ ପୌରାଣିକ ସମ୍ବନ୍ଧରେ ମଧ୍ୟ କିଛି ତଥ୍ୟ ଅଛି। ଗୁରୁ କୂଳରେ ରାଜା ରାଜୁଡାଙ୍କ ସମୟରେ ରାଜା ମହାରାଜାଙ୍କ ପୁତ୍ର ମାନେ ଗୁରୁଙ୍କ ପାଖରେ ଆଶ୍ରମରେ ରହି ଶିକ୍ଷାଲାଭ କରିଥିଲେ । ଆଶ୍ରମରେ ଅନେକ ପ୍ରକାରର ଶିକ୍ଷା ମଧ୍ୟରୁ ନମସ୍କାର ଥିଲା ପ୍ରଥମ ଶିକ୍ଷା ଯାହାକି ପ୍ରବେଶର ଆରମ୍ଭର ଏହା ଗୋଟିଏ ପର୍ବ ତାହା କ୍ରମାଗତ ଭାବେ ଶିକ୍ଷା ଦିଆଯାଇ ଥାଏ ଯେ ପ୍ରାତଃ ସକାଳୁ ଉଠି ପ୍ରାତଃ ସ୍ମରଣ କରି ଦୁଇ ହାତ ଯୋଡ଼ି ନମସ୍କାର କରିବାର ବିଧି ଅଛି। କେତେକ ଶିଷ୍ୟ ଅହଙ୍କାରୀ ଥାଆନ୍ତି, ସେ ଭାବନ୍ତି ଯେ ଆମେ ତ ରାଜ ପୁତ୍ର ନମସ୍କାର କାହିଁକି କରିବୁ ? ସେହି ଅହଂକାରୀ ଶିଷ୍ୟ ମାନଙ୍କୁ ଗୁରୁ ସରଳତାର ସୂତ୍ର ମାଧ୍ୟମ ଦ୍ୱାରା ନମସ୍କାରର ଉପାଦେୟକୁ ଶିକ୍ଷାର ବନ୍ଧନ ମଧ୍ୟକୁ ପରିଚାଳିତ କରି ଥାଆନ୍ତି । ପୌରାଣିକ ତଥ୍ୟକୁ ନେଇ କିଛି କଥା ପ୍ରଚଳିତ ଅଛି ତାହା ତ୍ରେତୟା ଯୁଗର କଥା ପ୍ରଭୁ ଶ୍ରୀ ରାମ ଭାଇ ଲକ୍ଷ୍ମଣ ବନବାସ କରିବା ସମୟରେ ମହୀରାବଣ ଦୁଇ ଭାଇଙ୍କୁ ଚୋରାଇ ନେଇ ପାତାଳରେ ରଖିଥିଲେ ସେଠି ପାତାଳ ଚଣ୍ଡୀଙ୍କ ପାଖରେ ତାଙ୍କୁ ବଳିରେ ଚଢ଼ାଇବେ । ଭକ୍ତ ବତ୍ସଳ ହନୁମାନ, ରାମ, ଲକ୍ଷ୍ମଣଙ୍କୁ ଖୋଜି ଖୋଜି ପାତାଳରେ ପହଁଚିଥିଲେ । ମହୀ ରାବଣ ଯେତେବେଳେ ଶ୍ରୀରାମ ଲକ୍ଷ୍ମଣଙ୍କୁ ପାତାଳ ଚଣ୍ଡୀ ମନ୍ଦିରରେ ବଳି ଦେବାକୁ ଆଣି କହିଲେ ତୁମେ ଦୁଇ ଭାଇ ପାତାଳୀ ଚଣ୍ଡୀଙ୍କୁ ନମସ୍କାର କର । ସେତେବେଳେ ରାମ ଲକ୍ଷ୍ମଣ କହିଲେ ଆମେ ରାଜ ପୁତ୍ର ନମସ୍କାର କଣ ଜାଣି ନାହୁ, ଆମକୁ ଶିଖାଇ ଦିଅନ୍ତୁ ।

ତତ୍‌କ୍ଷଣାତ ମହୀରାବଣ ଏହିଭଳି ନମସ୍କାର କର ବୋଲି ନିଜେ ନମସ୍କାର କର ବୋଲି ଦେଖାଇ ଦେବାରୁ ସଙ୍ଗେ ସଙ୍ଗେ ହନୁମାନ ମାଙ୍କ ହାତରୁ ଖଣ୍ଡ ଆଣି ମହୀ ରାବଣକୁ ଦୁଇ ଖଣ୍ଡ କରିଦେଲେ । ପ୍ରଭୁ ଶ୍ରୀ ରାମ ଓ ଭାଇ ଲକ୍ଷ୍ମଣ ପାତାଳରୁ ନମସ୍କାର ଦ୍ୱାରା ମୁକୁଳି ଥିଲେ । ଆଉ ଗୋଟିଏ ତଥ୍ୟ ଅଛି ମହାଭାରତ ଯୁଦ୍ଧ ସମୟର କଥା, ପିତା ମହ ଭୀଷ୍ମ ଥିଲେ କୌରବ ପକ୍ଷର ସେନାପତି।

ଯେତେବେଳେ ପାଣ୍ଡବ ପାଞ୍ଚ ଭାଇଙ୍କୁ ନିଧନ କରିବାକୁ କୌରବ ମାନେ ନିଷ୍ପତି ନେଇଛନ୍ତି, ରାତି ପାହିଲେ ପାଣ୍ଡବ ଶୂନ୍ୟ କରିବେ କୌରବ ସେନା । ସେହି ସମୟରେ ଶ୍ରୀ କୃଷ୍ଣ ଦ୍ରୌପଦୀଙ୍କୁ ସାଙ୍ଗରେ ନେଇ ପିତା ମହ ଭୀଷ୍ମଙ୍କ ଶିବିରକୁ ଯିବା ପାଇଁ ପରାମର୍ଶ ଦେଇ ଶିବିରର ବାହାରେ ରହି ଦ୍ରୌପଦୀଙ୍କୁ ଶିବିର ଭିତରକୁ ପଠାଇ ଥିଲେ ଓ ପ୍ରଣାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦ୍ରୌପଦୀ ପିତାମହ ଭୀଷ୍ମଙ୍କ ପାଖକୁ ଯାଇ ପିତାମହଙ୍କୁ ଭୂମିଷ୍ଟ ପ୍ରଣାମ କରିଥିଲେ। ପିତାମହ ଭୀଷ୍ମ ତତ୍‌କ୍ଷଣାତ କହିଲେ ସୌଭାଗ୍ୟବତୀ ହୁଅ, ଦୌପ୍ରଦୀଙ୍କୁ ଦେଖି ଭୀଷ୍ମ ଟିକିଏ ହସି ଦେଇ କହିଲେ ମା' ତୁ ଏକା ଆସିଲୁ ବାହାରେ ଗୋଲକ ବିହାରୀ ବିଷ୍ଣୁ କାହିଁକି ଅପେକ୍ଷା କଲେ ? ଦୃଢ଼ ନିଷ୍ପତି ନେଇଥିବା ପିତାମହ ମଧ୍ୟ ନମସ୍କାର ପାଖରେ ମସ୍ତକ ନୁଆଇଁ ଦେଇଥିଲେ। ପଞ୍ଚୁ ପାଣ୍ଡବଙ୍କ ଜୀବନ ରକ୍ଷା ମଧ୍ୟ ଏହି ସୁଦୃଢ ନମସ୍କାର ଦ୍ୱାରା ସମ୍ଭବ ହୋଇ ପାରିଥିଲା। ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ। ବହୁ ଲୋକାଚାର ମତ ବି ଅଛି, ଆୟୁଷ ଯିଏ ଯେତିକି ଆଣିଛି ବା ଷଷ୍ଠୀ ଦେବୀ ଯେତିକି ଆୟୁଷ ଲେଖିଛି ସେ ସେତିକିରେ ଯାଉଛି କିନ୍ତୁ ବହୁ ଗୁଣି ଜ୍ଞାନୀଙ୍କ ମତ ଯେ ଆୟୁଷ କେହି ଆଣି ଆଦି ନ ଥାଆନ୍ତି । ଆୟୁଷ ଏହି ଜୀବନ କାଳ ମଧ୍ୟରେ ହିଁ ବଢେ ଓ କମେ । ଉଦାହରଣ ଜଣେ ପରିଚିତ ଗୁରୁ କିମ୍ବା ବୟଜ୍ୟେଷ୍ଠ,ସମ୍ମାନ ଷ୍ପଦ ବ୍ୟକ୍ତି ବାଟରେ ଗଲା ବେଳେ ବୀପରିତ ଦିଗରୁ କିମ୍ବା ପାଖା ପାଖି ଆସିବା ସମୟରେ କେତେ ଜଣ ଅଛନ୍ତି କିଛି ସମ୍ବୋଧନ ନ କରି ମୁଁହ ଛପା ଦେଇ ପଳାଇଯାଆନ୍ତି । ସେହିଠାରେ ବିଜ୍ଞା ଲୋକ ମାନେ କୁହନ୍ତି ଯେ ଏହା ଦ୍ୱାରା ଆୟୁଷ ହାନି ହୁଏ ବା ଆୟୁଷ କମିଯାଏ। କିଏ ଦେଖୁ ଦେଖୁ ନମସ୍କାର ଉଦ୍ଦେଶ୍ୟ ରେ ମୁଣ୍ଡ ଟିକେ ତଳକୁ କରି ଦିଅନ୍ତି, କହିବା କଥା ସେହିଠାରେ ଆୟୁଷ ବୃଦ୍ଧି ହୁଏ ବା ବଢେ ବୋଲି କେତେକଙ୍କ ମତ ବୋଲି ବିଶ୍ୱାସ କରାଯାଏ। ଏହି ନମସ୍କାର ବଳ ରେ ବହୁତ କିଛି ପରିବର୍ତ୍ତନ ହୁଏ ବୋଲି ମତାନୁ ଯାଇ ନମସ୍କାର ଏକ ଶୁଭ ସଂକଳ୍ପ !!

+ଭୁବନେଶ୍ୱର
ମୋ: ୯୩୪୮୨୯୪୬୫୭

# ନାରୀ ଜାତିର ଅମ୍ଳାନ ପ୍ରତିଭା ମା' ରମାଦେବୀ



## ମୀରା ବେଉରା



ଯେଉଁମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କେବଳ ସ୍ୱପ୍ନ ଦେଖୁନଥିଲେ ବରଂ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଦ୍ୱାରା ଏବଂ ସେବା ଦ୍ୱାରା ମହିଳା ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ଜାତିର ଇତିହାସକୁ ଏକ ନୂତନ ଦିଗରେ ନେବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ, ସେ ଥିଲେ ସେବା ଓ ମମତାର ପ୍ରତିମୂର୍ତ୍ତି ମା' ରମାଦେବୀ। ମାନବ ସେବା ହିଁ ମାଧବ ସେବା, ଏହି ନୀତିକୁ ପାଥେୟ କରିଥିଲେ ମା' ରମାଦେବୀ। ଏହା ସତ୍ୟ ଯେ କେବଳ ହିଂସା ଓ ରକ୍ତପାତରେ ନୁହେଁ, ଉତ୍କଳର ଯେଉଁ ମହିୟସୀ ମହିଳାମାନେ ଶାନ୍ତି ଓ ଅହିଂସା ମାଧ୍ୟମରେ ତତ୍କାଳୀନ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ ସ୍ୱପ୍ନ ଦେଖିଥିଲେ, ସେହି ନାରୀଶକ୍ତିର ପ୍ରମୁଖ ପ୍ରତୀକ ହେଉଛନ୍ତି ମା' ରମାଦେବୀ। ସେହି ସମୟରେ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନ ହିଁ ଏହି ନାରୀ ସମାଜକୁ ସ୍ୱାଧୀନତା ଆନ୍ଦୋଳନରେ ଝାସଦେବାକୁ ପ୍ରେରଣା ଯୋଗାଇଥିଲା। ଜାତିରପିତା ଗାନ୍ଧିଜୀଙ୍କ ଆଦର୍ଶରେ ଗଭୀର ଭାବେ ଅନୁପ୍ରାଣିତ ହୋଇ ଏହି ମହିୟସୀ ମହିଳାମାନେ ଅଗ୍ନିଶମ ସ୍ୱାଧୀନତା ସଂଗ୍ରାମକୁ ଲ ପ୍ରଦାନ କରିଥିଲେ। ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭୁଲିଯାଇ ଦେଶ, ସମାଜ, ଜାତି ଓ ରାଷ୍ଟ୍ର ନିର୍ମାଣ ପାଇଁ ସେବାକୁ ଆଜୀବନ ନିଜ ଜୀବନର ବ୍ରତ କରିଥିବା ଏହି ଉତ୍କଳର ଶିଳାଭୂମି ତଳେ ଆଜି ବି ଲୁଚି ରହିଛି ଏହି ମହିୟସୀ ମହିଳାମାନଙ୍କର ଆଜୀବନ ତ୍ୟାଗ, ସାଧନା, ସଂଗ୍ରାମ ଏବଂ ବ୍ୟଥାଭରା କାହାଣୀ।

ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ୍ୟ ଅନେକ ବାଧା, ପ୍ରତିବାଦ, ବିରୋଧ, ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଜୀବନବ୍ୟାପୀ ସାଧନା ଦ୍ୱାରା ସମଗ୍ର ମାତୃଜାତିର ଆଦର୍ଶ ଥିଲେ ମା' ରମାଦେବୀ। ଏହିମାନେ ହିଁ ଥିଲେ ପ୍ରଚଣ୍ଡ ଦେଶପ୍ରେମ, ତ୍ୟାଗ ତିତିକ୍ଷାର ଜ୍ୱଳନ୍ତ ନିଦର୍ଶନ। ନାରୀକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ମଙ୍ଗଳମୟ ସମାଜ ଏବଂ ସର୍ବୋପରି ଏକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା ଥିଲା। ଏହି ମହିୟସୀ ମା' ରମାଦେବୀଙ୍କ ବ୍ରତ। ସେ ଦିନ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ନାରୀଶକ୍ତିର ପ୍ରତୀକ ସରଳାଦେବୀ, ସେବା ଓ ମମତାର ପ୍ରତିମୂର୍ତ୍ତି ମା' ରମାାଦେବୀ ଏବଂ ବିପ୍ଳବୀ ବହ୍ନିକନ୍ୟା ମାଳତୀ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ପାଲଟି ଯାଇଥିଲେ। ପ୍ରାଚୁର୍ଯ୍ୟ ମଧ୍ୟରେ ବଢ଼ିଥିଲେ ମଧ୍ୟ ଡେପୁଟି କଲେକ୍ଟର ଚାକିରି ଛାଡ଼ିଥିବା ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା' ରମାଦେବୀ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ୧୯୨୧ ମସିହାରେ କାଠଯୋଡ଼ି ନଦୀ କୂଳରେ ମହାତ୍ମା ଗାନ୍ଧୀଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ନିଜର ଶହେ ଭରି ସୁନା ଏବଂ ନିଜ ହାତରେ ଅରଟରେ କାଟିଥିବା ବିରାଟ ସୂତା ପୁଡ଼ିଆକୁ ମହାତ୍ମା ଗାନ୍ଧୀଙ୍କ ହାତକୁ ଯିଏ ବଢ଼େଇ ଦେଇଥିଲେ, ସେ ଥିଲେ ମା' ରମାଦେବୀ। ଯିଏ ଆଜୀବନ ପାଦରେ ଚପଲଟିଏ ମଧ୍ୟ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ, ସେ ଥିଲେ- ମା' ରମାଦେବୀ। ଯାହାଙ୍କ ଜୀବନଶୈଳୀ ଅତ୍ୟନ୍ତ ସରଳ, ସାବଲୀଳ ଥିଲା, ସେ ଥିଲେ ମା' ରମାଦେବୀ। ତାଙ୍କର କନ୍ୟା ଅନ୍ନପୂର୍ଣ୍ଣା ଏବଂ ପୁତ୍ର ମନମୋହନ ମଧ୍ୟ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ୧୯୬୨ ମସିହାରେ ଭାରତ ଏବଂ ଚୀନ୍ ମଧ୍ୟରେ ଯୁଦ୍ଧ ଚାଲିଥିଲା ବେଳେ ଯିଏ ସେନାଛାଉଣୀରେ ଅବସ୍ଥାନ କରି ସୈନ୍ୟମାନଙ୍କର ସେବା କରିଥିଲେ, ସେ ଥିଲେ ମା' ରମାଦେବୀ। କେବଳ ସେତିକି ନୁହେଁ, ୧୯୬୪ ମସିହାରେ ଦଣ୍ଡକାରଣ୍ୟଠାରେ ବଙ୍ଗଳାଦେଶୀ ଶରଣାର୍ଥୀଙ୍କ ସେବାରେ ଯିଏ ବ୍ରତୀ ଥିଲେ, ସେ ହେଉଛନ୍ତି ମା' ରମାଦେବୀ।

ବନ୍ୟା ହେଉ କି ବାତ୍ୟା ହେଉ କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ଯିଏ ଅପାର ଆନନ୍ଦ ଲାଭ କରୁଥିଲେ, ସେ ଥିଲେ ମା' ରମାଦେବୀ। ପ୍ରଥମେ ଅଳକା ଆଶ୍ରମ ଏବଂ ପରେ ବରୀ ଆଶ୍ରମ ଗଢ଼ି ଅନେକ ସେବାମୂଳକ କାର୍ଯ୍ୟ ଜାରି ରଖିଥିଲେ ମା' ରମାଦେବୀ। ଯେମିତିକି ନାରୀ ଜାଗରଣ, ନିଶା ନିବାରଣ, ମୌଳିକ ଶିକ୍ଷା, ମହୁଚାଷ, ଗୋ' ସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗାବୁଣିବା ଇତ୍ୟାଦି କାର୍ଯ୍ୟରେ ମା' ସର୍ବଦା ବ୍ୟସ୍ତ ରହୁଥିଲେ। କେବଳ ସେତିକି ନୁହେଁ, ୧୯୩୦ ମସିହା ଅପ୍ରେଲ ୧୩ ତାରିଖରେ ଇଞ୍ଚୁଡ଼ିଠାରେ ଆରମ୍ଭ ହୋଇଥିଲା 'ଆଇନ୍ ଅମାନ୍ୟ ଆନ୍ଦୋଳନ' ହେଉ, ୧୯୩୪ ମସିହାରେ 'ହରିଜନ ପଦଯାତ୍ରା' ହେଉ ଅବା ୧୯୪୨ ଅଗଷ୍ଟ ୯ର 'ଭୂଦାନ ଆନ୍ଦୋଳନ' ହେଉ, ପ୍ରତ୍ୟେକ ଆନ୍ଦୋଳନରେ ଯୋଗଦେଇ ମା' ରମାଦେବୀ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ମହିଳମାନଙ୍କ ପାଇଁ ଆଦର୍ଶ ସାଜିଥିଲେ।

ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନନୀୟ 'ଡକ୍ଟରେଟ୍' ଉପାଧି ଏବଂ ଯମୁନାଲାଲ୍ ଫାଉଣ୍ଡେସନ୍ ତରଫରୁ ପୁରସ୍କାର ମିଳିଥିଲା। ଏହି ଫାଉଣ୍ଡେସନ୍ ତରଫରୁ ପାଇଥିବା ଏକଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ମା' ରମାଦେବୀ ଦଳିତ, ଅବହେଳିତ ଜନତାଙ୍କ ସେବାରେ ଖର୍ଚ୍ଚ କରିଥିଲେ। ପ୍ରକୃତରେ ମା' ରମାଦେବୀ ଥିଲେ ସେବା, ମମତା ଏବଂ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ଅବଦାନ ଏ ଜାତି କେବେ ଭୁଲିବ ନାହିଁ।

+ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ
ମୋ:୯୮୫୩୩୫୦୩୮୪

# ସମାଲୋଚନା ଏକ ଅମାନସିକତା

## ଶ୍ୱେତା ରାଉତ୍

ସମ୍ପର୍କର ରଙ୍ଗ



ଜୀବନ ଅଳିକ ମାତ୍ର। ଏଠି ମୁହୂର୍ତ୍ତକୁ ବି ଭରସା ନାହିଁ। ଅନେକ ଲୋକ ଏହି ମୁହୂର୍ତ୍ତଟିଏ ଖୁସିରେ ବଞ୍ଚିବାକୁ କେତେ ସଙ୍ଘର୍ଷ କରିଥାନ୍ତି, ଆଉ କେତେ ସଙ୍ଘର୍ଷ କରୁ କରୁ ଜୀବନ ହାରିଦେଇଥାନ୍ତି। ଅଥଚ ଆମେ ମୁହୂର୍ତ୍ତଟିଏ ଫାଙ୍କା ପାଇଲେ ନିଜ କଥା ଛାଡ଼ି ଅନ୍ୟମାନଙ୍କ କଥାରେ ମୁଣ୍ଡ ଭର୍ତ୍ତି କରନ୍ତି। କିଏ କଣ କଲା, କୁଆଡେ ଗଲା, କଣ ଖାଇଲା, କେମିତି ଦିଶିଲା, କାହା ସହିତ ବୁଲିଲା, ଶାଢୀ ପିନ୍ଧିଲା କି ଡ୍ରେସ୍ ପିନ୍ଧିଲା, କୁକୁର ରଖିଲା କି ମାଙ୍କଡ ରଖିଲା, ଚୋରି କଲା କି ଦାନ କଲା ଏସବୁ ବିଷୟରେ ରୀତିମତ ଚର୍ଚ୍ଚା ଚାଲିଥାଏ। ଆମେ ସବୁବେଳେ ନିଜକୁ ଭଲ ଓ ଅନ୍ୟକୁ ଖରାପ ବୋଲି ପ୍ରଚାର କରିବାକୁ ଭଲ ପାଆନ୍ତି। ଏଥିରୁ ଆମକୁ କିଛି ମିଳେନାହିଁ, ଦୁନିଆ ଆମ ହିସାବରେ ଚାଲେ ନାହିଁ, ଦୁନିଆର ସବୁ ଲୋକ ଆମର ଗୋଲାମ ନୁହନ୍ତି ଯେ ଆମ ଇଚ୍ଛା ଅନୁସାରେ ବ୍ୟବହାର କରିବେ୧ସମସ୍ତେ ନିଜ ଜୀବନ ନିଜ ଢଙ୍ଗରେ ବଞ୍ଚନ୍ତି, ତାହା ହିଁ ସେମାନଙ୍କ ଅଧିକାର ଯଦି ଆମକୁ କିଛି ଭଲ ନଲାଗେ ଆମେ ତାଙ୍କୁ ସିଧାସଳଖ ଆମର ମତାମତ ଜଣାଇ ପାରିବା, ନଚେତ୍ ତାଙ୍କୁ ସୁଧାରିବାକୁ ପ୍ରୟାସ କରିପାରିବା।କାହାକୁ ଭଲ ଦିଗରେ ଯିବାକୁ, ଭଲ ମଣିଷ ହେବାକୁ ଯଦି ଆମେ ଆଗ୍ରହ ନରଖନ୍ତି, ଚେଷ୍ଟା ନକରନ୍ତି, ତେବେ ତାଙ୍କ ବିଷୟରେ ସମାଲୋଚନା କରିବାକୁ ଆମେ କିଏ ?

ଯଦି ଜଣେ କୁହେ ସୂର୍ଯ୍ୟ ପୂର୍ବ ଦିଗରେ କାହିଁକି ଉଦୟ ହେଉଛି କେଜାଣି, ମତେ ସୂର୍ଯ୍ୟ ଉପରେ ଘୃଣା ଆସୁଛି, ସୂର୍ଯ୍ୟକୁ କିଛି ଫରକ ପଡିବନି କିମ୍ବା ସୂର୍ଯ୍ୟ ତା ଘୃଣାକୁ ଡରି ପଶ୍ଚିମରେ ଉଦୟ ହେବନି। ବରଂ ସେଇ ବ୍ୟକ୍ତିକୁ ସମସ୍ତେ ପାଗଳ କହି ହସିବେ। ପ୍ରେମ ବା ଘୃଣା ଏକ ବ୍ୟକ୍ତିଗତ ପସନ୍ଦ, ତାକୁ ନିଜ ଭିତରେ ସୀମିତ ରଖିବା ଉଚିତ୍।

ସମାଜରେ ଅନେକ ଅଛନ୍ତି ଗେରୁଆ ପିନ୍ଧି, ଅରୁଆ ଖାଇ ନିଜକୁ ବଡ ସନ୍ଥ କହିଥାନ୍ତି, କିନ୍ତୁ ପରେ ଯେତେବେଳେ ସେମାନଙ୍କ ଚରିତ୍ର ଓ ବ୍ୟାପାର ଜଣାପଡେ, ସମସ୍ତଙ୍କ ଘୃଣାର ପାତ୍ର ହୋଇଥାନ୍ତି। ଅନେକ କୋଟିପତି ଅଛନ୍ତି, ଯେଉଁମାନେ ଅତି ସାଧାରଣ ଜୀବନଯାପନ କରନ୍ତି, ସେମାନଙ୍କୁ ଦେଖିଲେ କେହି ବି ଦରିଦ୍ର ବୋଲି ଭାବୁଥାଏ, ଦୁର୍ବ୍ୟବହାର କରିଥାଏ, ପରେ ଜାଣିଲା ପରେ ଖୁବ୍ ପଶ୍ଚାତାପ ହୋଇଥାଏ। ଆଖିକୁ ଯାହା ଦେଖାଯାଏ, ଆମେ ଆମ ଚିନ୍ତାଧାରା ଅନୁସାରେ ଲୋକଙ୍କୁ ତଉଲି ଦିଅନ୍ତି, କିନ୍ତୁ ବାସ୍ତବତା କିଛି ଭିନ୍ନ ଥାଏ। ତେଣୁ କାହାକୁ ଆକ୍ଷେପ କରିବା ପୂର୍ବରୁ ତାର ଜୀବନକୁ ଜାଣିବା ନିହାତି ଜରୁରୀ।

ବେଳେବେଳେ ଈର୍ଷା ବଶତଃ ବ୍ୟକ୍ତି ଅନ୍ୟକୁ ସମାଲୋଚନା କରିଥାଏ। ଯାହା ନିଜେ କରିପାରେନାହିଁ, ପାଇପାରେନାହିଁ, ଅନ୍ୟଠାରେ ଦେଖିଲେ ତାକୁ ଖରାପ୍ କହି ସମାଲୋଚନା କରେ।

ଅନ୍ୟକୁ ସମାଲୋଚନା କଲେ ନିଜର ଗୁଣ, ଜ୍ଞାନ, ଧର୍ମ, କର୍ମ କିଛି ବଢେ ନାହିଁ ବରଂ ପ୍ରକୃତି ଓ ପ୍ରବୃତ୍ତି ଉଭୟ ଖରାପ ହୁଏ। ଆମ ପାଖରେ ଯଦି ସମୟ ବଳୁଛି, ଆମେ ହରି ନାମ ଭଜି ଏ ଭବ ସାଗରରୁ ପାରି ହୋଇ ମୋକ୍ଷ ପାଇପାରିବା। କାହାକୁ ସମାଲୋଚନା କରି ତର୍କଭୁକ୍ତ ହୋଇ ବିବାଦ ସୃଷ୍ଟି କରି ଘୃଣା ଅର୍ଜନ କରିବା ଅପେକ୍ଷା ସମସ୍ତ ଚୈତସତ୍ତାକୁ ସମ୍ମାନ କରି ଶ୍ରଦ୍ଧା ଅର୍ଜନ କରିବା ଶ୍ରେୟସ୍କର। ଏ ଲେଖାଟି ପଢ଼ି ବି ଅନେକ ମୋତେ ସମାଲୋଚନା କରିପାରନ୍ତି, ଯାହାର ଅଭ୍ୟାସ ଅନ୍ୟ ଭିତରେ ଖୁଣ ଖୋଜିବା। ତେଣୁ ହୃଦୟରୁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି, କାରଣ ବିବେକାନନ୍ଦଙ୍କ କହିବା ଅନୁସାରେ ବେଳେବେଳେ ବିଜ୍ଞ ଲୋକର ବିଚାର ବୁଦ୍ଧି ବି ମଳିନ ପଡିଯାଏ ଏବଂ ସତ୍ୟର ସାହସ ଅସୀମ। ସତ କହି ସମାଲୋଚନା ହେବାରେ ଆମ ମହାପୁରୁଷମାନେ ଖ୍ୟାତି ଅର୍ଜନ କରିଛନ୍ତି। ଆମେ ମହାପୁରୁଷ ହୋଇ ଖ୍ୟାତି ରଖି ନପାରନ୍ତି, ଅନ୍ତତଃ ଅନ୍ୟକୁ ସମାଲୋଚନା କରି ଘୃଣ୍ୟ ତ ହେବାନାହିଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଫେରି ଆସନ୍ତା କି ?

ଝରଣା ବାରିକ

କେତେ ଭଲ ହୁଅନ୍ତା
ଯଦି ଫେରି ଆସନ୍ତା ସେଇଦିନ
ପଖାଳ ପେଟେ ଖାଇ
ଧାନ ବିଲକୁ ଧାଉଁଥାନ୍ତେ ସମସ୍ତେ
କର୍ମ ମୟ ଜୀବନ ରୁ ଛୁଟି ନେଇ
ବରଷକୁ ଥରେ ଚାଷ କାମ ଧାଇଁ
ଯାଉଥାନ୍ତେ।

ଧାନ କେଣ୍ଡା ନେଇ ସଞ୍ଚି ରଖିଥାନ୍ତେ
ବଡ଼ ଦିନ ର ଭୋଜି ପାଇଁ
ଶୀତୁଆ ସକାଳରେ ବସି
ଖରା ପୋଇଁ ହେଇ ଗୁଲି ଗପ ମାରନ୍ତେ
ସଞ୍ଜ ନଇଁବା ପରେ
ଧୁନି ଜାଳି ନିଆଁ ଲଗାଇ
ବସି ଯାଆନ୍ତେ
ଚାରିପଟେ

ଆଃ...
କି ସୁନ୍ଦର ଥିଲା ସେ ପରିବେଶ
ନ ଥାନ୍ତା ଦୈନନ୍ଦିନ ଜୀବନର ଧା ଧଉଡ
ନଥାନ୍ତା ଭବିଷ୍ୟତ ର ଚିନ୍ତା
କେବଳ ଆଜି ପାଇଁ
ମଣିଷ ବଞ୍ଚୁଥାନ୍ତା
କାଲିକି କିଏ ଦେଖିଛି
କେବେ ବାତ୍ୟା ତ କେବେ ବନ୍ୟା
ଆସି ମେରୁଦଣ୍ଡକୁ ଚହଲେଇ ଦେବ
କେବେ ମରୁଡି ଆସି
ହୁଗାଳି ଦେଇ ଯିବ
ଘରର ମଝି ଖୁଣ୍ଟକୁ
ତଥାପି ଅଭାବ ପଣିଆ ର
ଭାବ ଲାଖି ରହିଥାନ୍ତା ସମ୍ପର୍କ ରେ ।
ସମସ୍ତେ ହସୁ ଥାନ୍ତେ
ଗୋଟିଏ ଛାତ ତଳେ ରହି

+ ସମଲ, ତାଳଚେର, ଅନୁଗୋଳ
ମୋବାଇଲ::୯୫୫୬୮୪୬୯୩୨

# ଆଜିର କବିତା

## ଭୁଲ ଠିକଣା

ପୁଷ୍ପାଞ୍ଜଳି ମିଶ୍ର



ଶୂନ୍ୟ ହୃଦୟରେ ଖୋଜୁଛି ଆଜି ମୁଁ
ସ୍ମୃତିର ଫରୁଆ ଖୋଲି
ବଦଳି ଯାଇଛି ବର୍ଷ ମାସ ଦିନ
ସ୍ମୃତି ଯା ରହିଛି ଖାଲି
ତୁମ ଠିକଣାରେ ହଜେଇ ଦେଇଛି
ଏଇ ମନ ଏଇ ଦେହ
ଯୁଆଡେ ଦେଖିଲେ ଦିଶେ ତୁମ ଛବି
ଆଉ କିଛି ଦିଶୁ ନାହିଁ
ବିଶ୍ୱାସ ନିଆଁରେ ଜଳି ପୋଡି ପରେ ଗଲି
ନ ମରିକି ଜୀଅନ୍ତା ଜଳିଲି
ତୁମ ପ୍ରେମରେ ପାଗଳ ହୋଇ
ସବୁ ଆଜି ହଜେଇଲି
ଲୁହର ମୂଲକୁ କିଏ ସେ ବୁଝିବ
କା ଆଗେ କହିବି ଯାଇ
ହୃଦୟର ବ୍ୟଥା ବେଦନା ବିଧୂର
ନିରବେ ଯାଏ ଝାଉଁଳି
ବାଟ ଚାଲୁ ଚାଲୁ ଜୀବନ ପଥରେ
ପାଇଥିଲି ସାଥୀଟିଏ
ସିଏ ଆଜି ମତେ ପ୍ରତାରଣା କରି
ଠକି ଦେଇ ଚାଲିଗଲା
ପ୍ରେମର ପଥିକ ସାଜିଥିଲି ଦିନେ
ହେଲି ଆସି ବାଟବଣା
ଆପଣାର ଭାବିଥିଲି ସବୁ ଭୁଲି ଗଲା
ପର ମତେ କରି ଦେଲା
ଆଜି ମୁଁ ଖୋଜୁଛି ପାଉନି କିଛି
ସବୁ ଭୁଲ ହୋଇଗଲେ
ଲୁହ ସାଥେ କରିଥିଲି ମୁଁ ସଉଦା
କ୍ଷତାକ୍ତ ହେଲା ସେ ଆଶା
ମିଥ୍ୟା ପ୍ରତିଶ୍ରୁତି ମିଥ୍ୟାର ଦ୍ୱାହି
ବେଇମାନୀ ହୋଇଗଲା
ଭୁଲ ହୋଇ ଗଲା ଭଲ ପାଇ ବୋଧେ
ଭୁଲ ଠିକଣାଟେ ଥିଲା।

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ, ଯାଜପୁର
ମୋ: ୯୫୫୬୭୪୩୯୨୧

# ସ୍କ୍ରାପିଂ ନୀତିକୁ ମଞ୍ଜୁରି : ୧୫ ବର୍ଷ ପୁରୁଣା ଗାଡ଼ି ସ୍କ୍ରାପିଂ ହେବ : ନୂଆ ଗାଡି କିଣିବାକୁ ମିଳିବ ପ୍ରୋତ୍ସାହନ ରାଶି



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ସ୍କ୍ରାପିଂ ପଲିସିକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି । ପୁରୁଣା ଗାଡ଼ିରୁ ବାହାରୁଥିବା ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷଣ ହେଉଥିବାରୁ ୧୫ବର୍ଷରୁ ଅଧିକ ସମୟର ଗାଡ଼ିକୁ ରାସ୍ତାରୁ ହଟାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ତେଣୁ ରାଜ୍ୟରେ ଏଣିକି ୧୫ ବର୍ଷ ପୂରୁଣ କରିଥିବା ପୁରୁଣାଗାଡ଼ିକୁ ସ୍କ୍ରାପିଂ କରାଯିବ। ସ୍କ୍ରାପିଂ କରିଥିବା ବ୍ୟକ୍ତିମାନଙ୍କୁ ନୂଆ ଗାଡି କିଣିବା ପାଇଁ ପ୍ରୋତ୍ସାହନ ରାଶି ଦିଆଯିବାର ବ୍ୟବସ୍ଥା ରହିଛି ।

ଏହାଛଡ଼ା ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି । ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡିତ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡିକୁ ଆବଶ୍ୟକ ଭିତ୍ତିଭୂମି ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ଏହି ନୀତିର ଲକ୍ଷ୍ୟ । ଓଡିଶା ରପ୍ତାନୀ ପଲିସି-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି । ଏହି ନୀତି ଅନୁଯାୟୀ ରପ୍ତାନୀ ପ୍ରତିଯୋଗିତାରେ ଉନ୍ନତି ଆଣିବା ସହ ଓଡିଶାକୁ ଭାରତର ୫ଟି ଶ୍ରେଷ୍ଠ ରାଜ୍ୟରେ ସାମିଲ କରିବା ଏବଂ ୨୦୨୬-୨୭ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କାର ରପ୍ତାନୀ ଲକ୍ଷ୍ୟ ରଖାଯାଇଛି । ଓଡିଶା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆସିଥିବା ବିଶୁଦ୍ଧ ପାନୀୟ ଜଳଯୋଗାଣ ସଂକ୍ରାନ୍ତୀୟ ଦୁଇଟି ପ୍ରସ୍ତାବ କ୍ୟାବିନେଟର ଅନୁମୋଦନ ଲାଭ କରିଛି । ତଦନୁଯାୟୀ ଗଞ୍ଜାମ ଜିଲ୍ଲାର ପାତ୍ରପୁର, ଚିକିଟି, ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ୍ର ୬୩ଟି ପଞ୍ଚାୟତ ଓ ୪୭୯ଟି ଗ୍ରାମରେ ଜେ.ଜେ.ଏମ୍ ଯୋଜନାରେ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିନିମନ୍ତେ ୩୮୬ କୋଟି ୯୬ ଲକ୍ଷ ୪୦ ହଜାର ୫ ଟଙ୍କାର ସର୍ବନିମ୍ନ ନିବିଦାକୁ କ୍ୟାବିନେଟ ଅନୁମୋଦନ କରିଛି । ସେହିପରି ଦ୍ୱିତୀୟ ପ୍ରସ୍ତାବରେ ସୋନପୁର ଜିଲ୍ଲାର ତରଭା, ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକ୍ର ୬୪ଟି ଗ୍ରାମ ପଞ୍ଚାୟତର ୬୨୫ଟି ଗାଁରେ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ୫୫୩ କୋଟି ୮୫ ଲକ୍ଷ ୮୨ ହଜାର ୭୦୦ ଟଙ୍କାର ସର୍ବନିମ୍ନ ନିବିଦାକୁ କ୍ୟାବିନେଟ ଅନୁମୋଦନ କରିଛି । ଗତକାଲି ସଂଧ୍ୟାରେ ବସିଥିବା କ୍ୟାବିନେଟ୍ ବେଠକରେ ଏହି ସବୁ ନିଷ୍ପତ୍ତି ନିଆଯାଇଥିବା ବେଳେ ବିଧାନସଭା ବସିଥିବାରୁ ତାହା ଘୋଷଣା କରାଯାଇ ନଥିଲା। ଆଜି ବିଧାନସଭାରେ କ୍ୟାବିନେଟ୍ ନିଷ୍ପତ୍ତି ସଂପର୍କରେ ଗୃହକୁ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି । ଉଲ୍ଲେଖଯୋଗ୍ୟ, ବିଧାନସଭା ଚାଲିଥିବା ବେଳେ ରାଜ୍ୟ ସରକାର ସମସ୍ତ ଘୋଷଣା ଗୃହକୁ ପ୍ରଥମେ ଅବଗତ କରିବା ପରମ୍ପରା ରହିଛି ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫ବର୍ଷରେ ୨୪୮୯୩ କି.ମି ରାସ୍ତା ନିର୍ମାଣ

ଭୁବନେଶ୍ୱର , ୩୦/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗତ ୫ବର୍ଷ(୨୦୧୭ରୁ ୨୦୨୨) ମଧ୍ୟରେ ମୋଟ ୨୫ହଜାର କି.ମି ରାସ୍ତା ନିର୍ମାଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ତହିଁରୁ ୨୪,୮୯୩ କି.ମି ରାସ୍ତା ନିର୍ମାଣ କରାଯାଇଥିବା ସୂଚନା ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଂଜନ ଘଡ଼େଇ। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଘଡ଼େଇ କହିଛନ୍ତି ଯେ ବିଗତ ୫ବର୍ଷ ଭିତରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪୧୮୩ଟି ଯୋଗ୍ୟ ବିବେଚିତ ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ମୁଖ୍ୟ ରାସ୍ତା ସହ ସଂଯୋଗ କରାଯାଇଛି । ଏଥିରେ ୨୦୦୧ ଜନଗଣନା ଭିତ୍ତିରେ ସାଧାରଣ ଅଞ୍ଚଳରେ ୫ଶହରୁ ଅଧିକ, ଆଇଏପି ଜିଲ୍ଲା ଗୁଡ଼ିକରେ ୨୫୦ରୁ ଅଧିକ ଓ ୩୮ଟି ନକ୍ସଲ ପ୍ରଭାବିତ ବ୍ଲକ୍ରେ ଶହେରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ରହିଛି । ତେବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଯୋଗ୍ୟ ବିବେଚିତ ହୋଇ ନ ଥିବା କେତେ ଗ୍ରାମ/ ପଡ଼ାକୁ ରାସ୍ତା ସଂଯୋଗ ହୋଇନାହିଁ ଏହାର ତଥ୍ୟ ବିଭାଗ ପାଖରେ ଉପଲବ୍ଧ ନ ଥିବା ଶ୍ରୀ ଘଡ଼େଇ ସୂଚନା ଦେଇଛନ୍ତି ।

# ଗ୍ରୀନ୍ ମହାନଦୀ ଯୋଜନାରେ ଖର୍ଚ୍ଚ ହେଲାଣି ୧୮୧କୋଟି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ମହାନଦୀର ଅବକ୍ଷୟ ରୋକିବା, ବନ୍ୟା ନିୟନ୍ତ୍ରଣ ଓ ସବୁଜ ପରିବେଶ ସୃଷ୍ଟି ସହ ପରିବେଶ ସୁରକ୍ଷା ପାଇଁ ଗ୍ରିନ୍ ମହାନଦୀ ଯୋଜନା ଆରମ୍ଭ ହୋଇଛି । ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ମହାନଦୀ ଓ ତାର ଶାଖା ନଦୀ/ ଉପନଦୀ ସମେତ ରାଜ୍ୟର କେତେକ ପ୍ରମୁଖ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରାୟତଃ ୪୧ହଜାର ହେକ୍ଟର ବନୀକରଣ ଏବଂ ୫ହଜାର କିଲୋମିଟର ପଥପାର୍ଶ୍ୱ ବନୀକରଣ କରି ୫କୋଟିରୁ ଉର୍ଦ୍ଧ୍ୱ ଚାରା ରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବନୀକରଣର ରକ୍ଷଣାବେକ୍ଷଣ ପାଇଁ ୨୦୨୫-୨୬ ମସିହା ପର୍ଯ୍ୟନ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଯୋଜନା ମୁତାବକ ୨୦୧୮-୧୯ ମସିହାଠାରୁ ଅକ୍ଟୋବର ୩୧, ୨୦୨୨ ମଧ୍ୟରେ ମୋଟ୍ ୨୧୯୪୬.୭୬ ହେକ୍ଟର ପରିମିତ ଅଞ୍ଚଳରେ ୧୨୦.୪୭ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଛି । ଏଥିପାଇଁ ୨୨୦କୋଟି ୫୫ଲକ୍ଷ ୮୦ହଜାର ଟଙ୍କା ମଞ୍ଜୁର ହୋଇଛି । କିନ୍ତୁ ଚଳିତବର୍ଷ ନଭେମ୍ବର ୨୨ତାରିଖ ସୁଦ୍ଧା ମୋଟ୍ ୧୮୧କୋଟି ୧୨ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ କରାଯାଇଛି । ଯେଉଁ ଚାରା ଲଗାଯାଇଛି ସେଥିରୁ ୭୫%ରୁ ୯୫% ବଞ୍ଚିଛି । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି ।

# ଆତ୍ମନିଯୁକ୍ତି ଦେବା ପାଇଁ ଯୁବକ/ଯୁବତୀଙ୍କ ପାଇଁ ଖର୍ଚ୍ଚ ହୋଇଛି ୪୧କୋଟିରୁ ଅଧିକ

ଭୁବନେଶ୍ୱର , ୩୦/୧୧ (ନି.ପ୍ର): ଦକ୍ଷତା ବିକାଶ ଜରିଆରେ ରାଜ୍ୟର ଯୁବକ/ଯୁବତୀଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ଦେବା ଲକ୍ଷ୍ୟରେ ୨୦୧୯/୨୦ ଆର୍ଥିକ ବର୍ଷରୁ ଏ ପର୍ଯ୍ୟନ୍ତ ୪୧କୋଟି ୪୪ଲକ୍ଷ ୫୩ହଜାର ୯୫୬ ଟଙ୍କା ଖର୍ଚ୍ଚ ହୋଇଛି । ଏହି ତାଲିମ କାର୍ଯ୍ୟକ୍ରମ ପରିଚାଳନା ପାଇଁ ହେଉଥିବା ଖର୍ଚ୍ଚ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରୁଥିବା ସୂଚନା ଦେଇଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଂଜନ ଘଡ଼େଇ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଘଡ଼େଇ କହିଛନ୍ତି ଯେ ଏହି ତାଲିମ କାର୍ଯ୍ୟକ୍ରମ ପାଇଁ କୌଣସି ଅର୍ଥ କେନ୍ଦ୍ର ସରକାରଙ୍କଠାରୁ ମିଳି ନ ଥାଏ । ୨୦୧୯/୨୦ରେ ଏହି କାର୍ଯ୍ୟକ୍ରମ ଅଧୀନରେ ୨,୩୬.୫୪୩ଜଣଙ୍କୁ ନିଯୁକ୍ତି ଲକ୍ଷ୍ୟ ରହିଥିବା ବେଳେ ୩,୨୭,୮୧୫ ଜଣ ନିଯୁକ୍ତିକ୍ଷମ ହୋଇଛନ୍ତି । ୨୦୨୦/୨୧ ଆର୍ଥିକ ବର୍ଷରେ ୭୬,୧୪୨ ଜଣ ଓ ୨୦୨୧/୨ରେ ୧,୦୩,୦୦୮ ଜଣ ଯୁବକ/ଯୁବତୀଙ୍କୁ ତାଲିମ ଦିଆଯାଇ ନିଯୁକ୍ତିକ୍ଷମ କରାଯାଇଛି । ତେବେ ଏମାନଙ୍କ ମଧ୍ୟରୁ କେତେଜଣ ରାଜ୍ୟ ବାହାରେ ନିଯୁକ୍ତି ପାଇଛନ୍ତି ତାହାର ତଥ୍ୟ ଉପଲବ୍ଧ ନାହିଁ ବୋଲି ସେ କହିଛନ୍ତି ।

# ରାଜ୍ୟରେ ମାତୃ ମୃତ୍ୟୁହାର ୧୧୯କୁ ଖସିଲା

ଭୁବନେଶ୍ୱର , ୩୦/୧୧ (ନି.ପ୍ର): ମାତୃ ମୃତ୍ୟୁ ହାରରେ (ଏମ୍ଏମ୍ଆର) ଓଡ଼ିଶାକୁ ଆଉ ଏକ ସଫଳତା ମିଳିଛି । ରାଜ୍ୟର ଏମ୍ଏମ୍ଆର ୪୯ ପଏଣ୍ଟ ହ୍ରାସ ସହ ଏବେ ୧୧୯କୁ ଖସି ଆସିଛି । ଏମ୍ଏମ୍ଆର ହ୍ରାସ କ୍ଷେତ୍ରରେ ଓଡ଼ିଶା ଓ ଉତ୍ତର ପ୍ରଦେଶ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରାଜସ୍ଥାନରେ ସର୍ବାଧିକ ୭୩ ପଏଣ୍ଟ ହ୍ରାସ ହୋଇଛି । ଏବେ ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମରେ ରାଜ୍ୟରେ ୧୧୯ଜଣ ମା' ପ୍ରାଣ ହରାଉଛନ୍ତି । ସାମ୍ପୁଲ ରେଜିଷ୍ଟ୍ରେସନ୍ ସିଷ୍ଟମ୍ ବା ଏସ୍ଆରଏସ୍ର ୨୦୧୮/୨୦ ବୁଲେଟିନ୍ରେ ଏହି ସୂଚନା ଦିଆଯାଇଛି । ପୂର୍ବରୁ ୨୦୧୫/୧୭ରେ ଓଡ଼ିଶାରେ ଏମ୍ଏମ୍ଆର ୧୬୮ ରହିଥିଲା । ତେବେ ଏମ୍ଏମ୍ଆରରେ ଜାତୀୟ ହାରଠାରୁ ଓଡ଼ିଶା ଏବେ ବି ପଛରେ ରହିଛି । ୨୦୧୮/୨୦ରେ ଦେଶରେ ଏହି ହାର ୯୭ ରହିଛି । ବିଗତ ବର୍ଷଗୁଡ଼ିକରେ ରାଜ୍ୟରେ ମାତୃ ମୃତ୍ୟୁହାର ବେଶ୍ ଉଦ୍‌ବେଗଜନକ ରହିଥିଲା । ୨୦୦୧/୦୩ ମସିହାରେ ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମ କ୍ଷେତ୍ରରେ ଦେଶରେ ୩୦୧ଜଣ ମା' ପ୍ରାଣ ହରାଉଥିବା ବେଳେ ଓଡ଼ିଶାରେ ଏହା ୩୫୮ ରହିଥିଲା । ପରବର୍ତ୍ତୀ ସମୟରେ କ୍ରମାଗତଭାବେ ମାତୃ ମୃତ୍ୟୁହାର ହ୍ରାସ ପାଇବାରେ ଲାଗିଛି । ଏମ୍ଏମ୍ଆର ହ୍ରାସ ପାଇଁ ରାଜ୍ୟ ସରକାର ଅନେକଗୁଡ଼ିକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଜନନୀ ସୁରକ୍ଷା ଯୋଜନା ବା ଜେଏସ୍ୱାଇରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବ ପାଇଁ ୧୪ଶହ ଟଙ୍କା ଓ ସହରାଞ୍ଚଳରେ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ (ଜେଏସ୍ଏସ୍କେ)ରେ ଗର୍ଭବତୀ ମହିଳାମାନଙ୍କୁ ଔଷଧ, ରକ୍ତ, ଖାଦ୍ୟ ଇତ୍ୟାଦି ୧ବର୍ଷ ପାଇଁ ଦିଆଯାଉଛି । ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବ ପାଇଁ ମା' ଗୃହ, ସୁରକ୍ଷିତ ମାତୃତ୍ୱ ଅଭିଯାନ ବା ସୁମନ, ସଂପୂର୍ଣ୍ଣା ଭଳି ଯୋଜନା କାର୍ଯ୍ୟକାରୀ ହେଉଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏସ୍ଆରଏସ୍ ଓ ଜାତୀୟ ପରିବାର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବା ଏନ୍ଏଫ୍ଏଚ୍ଏସ୍ରେ ମାତୃ ମୃତ୍ୟୁହାର ସଂପର୍କିତ ତଥ୍ୟ ଦିଆଯାଇଥାଏ । ମାତ୍ର ଏସ୍ଆରଏସ୍ରେ ପ୍ରକୃତ ତଥ୍ୟ ମିଳିଥାଏ । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାତୃ ମୃତୁହାର ହ୍ରାସ କରିବା ଦିଗରେ ସଫଳ ହୋଇପାରିଛି ।

# ବିଳମ୍ବରେ ଆଳୁ ବିହନ ଯୋଗାଣ : ପୂରଣ ହେବ ତ ବର୍ଦ୍ଧିତ ଉତ୍ପାଦନର ଲକ୍ଷ୍ୟ ?

## ୧୩ ଜିଲ୍ଲାର ଆଳୁ ପାଇଁ ଶୀତଳଭଣ୍ଡାର ନାହିଁ, ଆଳୁ ମିସନ ବିଫଳତାରୁ ଶିଖିଲାନି ଉଦ୍ୟାନ ବିଭାଗ

ଭୁବନେଶ୍ୱର , ୩୦/୧୧ (ନି.ପ୍ର): ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷୀମାନଙ୍କ ପାଖକୁ ଆଳୁ ବିହନ ଯୋଗାଣ ପାଇଁ ଉଦ୍ୟାନ ଉପନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଥିଲା ଉଦ୍ୟାନ ନିର୍ଦ୍ଦେଶାଳୟ । ଚାଷୀ ନଭେମ୍ବର ଦ୍ୱିତୀୟ ଏବଂ ତୃତୀୟ ସପ୍ତାହ ବେଳକୁ ଗଛ ଲଗା କାର୍ଯ୍ୟ ସାରି ଦେବେ ବୋଲି କୁହାଯାଇଥିଲା । ମାତ୍ର ନଭେମ୍ବର ଶେଷ ସପ୍ତାହ ବେଳକୁ ଆସିଲା ବିହନ । ବର୍ତ୍ତମାନ ୧୫ ହଜାର ଆଳୁ ବିହନ ବଣ୍ଟା ଯାଇଥିବା ନେଇ ଟ୍ୱିଟ୍ କରୁଛନ୍ତି କୃଷି ମନ୍ତ୍ରୀ । ସେଥିରେ ପୁଣି ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ପାଖକୁ ବିହନ ପହଞ୍ଚି ନାହିଁ । ଏଭଳି ସ୍ଥିତିରେ ଆଳୁ ଉତ୍ପାଦନ ବୃଦ୍ଧିର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଦ୍ୟାନ ବିଭାଗର ସୂଚନା ଅନୁସାରେ, ଚଳିତ ବର୍ଷ ରାଜ୍ୟରେ ଆଳୁ, ପିଆଜ ଏବଂ ରସୁଣ ଉତ୍ପାଦନ ବୃଦ୍ଧିର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏଥିରୁ କେବଳ ୮୪୪୩ ହେକ୍ଟରରେ ଆଳୁ ଚାଷ ହେବ । ଏଥିପାଇଁ ୨୯ କୋଟି ଟଙ୍କା ଖର୍ଚ୍ଚର ଆକଳନ ହୋଇଛି । ଆଳୁ ଉତ୍ପାଦନରେ ଶୀତଳଭଣ୍ଡାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ୧୩ ଜିଲ୍ଲାର ୧୫ଶହ ହେକ୍ଟର ଚାଷ ଜମି ପାଇଁ ଶୀତଳଭଣ୍ଡାର ବ୍ୟବସ୍ଥା ନାହିଁ । ଏଥିରେ ବୌଦ୍ଧ, ଦେବଗଡ଼ର ୫୦ ହେକ୍ଟର ଲେଖାଏ, ଢେଙ୍କାନାଳର ୨୦୦ ହେକ୍ଟର, ଗଜପତିର ୧୦୦ ହେକ୍ଟର, ଜଗତସିଂହପୁରର ୭୦ ହେକ୍ଟର, କଳାହାଣ୍ଡିର ୮୦ ହେକ୍ଟର, କେନ୍ଦ୍ରାପଡ଼ା, ମାଲକାନଗିରି, ନୟାଗଡ଼, ନୂଆପଡ଼ା ଏବଂ ସୋନପୁରର ୧୦୦ ହେକ୍ଟର ଲେଖାଏ, ରାୟଗଡ଼ାର ୨୦୦ ହେକ୍ଟର ଚାଷ ଜମି ରହିଛି । ତେଣୁ ଏହି ଅଞ୍ଚଳଗୁଡ଼ିକରେ ଆଳୁ ସଂରକ୍ଷଣ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ମାତ୍ର ଆରମ୍ଭରୁ ହିଁ ବିହନରୁ ସମସ୍ୟା ଦେଖା ଦେବ ଏହା ଅକ୍ଟୋବର ମାସ ଆଳୁ ଚାଷ ବର୍ଦ୍ଧିତ ଯୋଜନାର ରଣନୀତି ପ୍ରସ୍ତୁତ କରିବାକୁ ବେଳକୁ ଚିନ୍ତା କରାଯାଇନଥିଲା ।

ପୂର୍ବରୁ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଆଳୁ ବିହନ ଦିଆଯାଉଥିଲା । ମାତ୍ର ଏଥିରେ ସମସ୍ୟା ହେବାରୁ ଗତବର୍ଷ ପରୀକ୍ଷାମୂଳକ ଭାବରେ ବିହନ ନିଗମ ଏହି କାର୍ଯ୍ୟ ଆରମ୍ଭ କରିଥିଲା । ଚଳିତ ବର୍ଷ ବିଧିବଦ୍ଧ ଭାବରେ ନିଗମ ଟେଣ୍ଡର କରି



ଆଳୁ, ପିଆଜ ଏବଂ ରସୁଣ ବିହନ ବଣ୍ଟନ କରିଛି । ବିଶେଷଜ୍ଞଙ୍କ ଅନୁସାରେ, ନିୟମ ଦୃଷ୍ଟିରୁ ରବିରେ ନଭେମ୍ବର ୧ ତାରିଖ କିମ୍ବା ପ୍ରଥମ ସପ୍ତାହ ସୁଦ୍ଧା ଚାଷୀଙ୍କ ପାଖକୁ ବିହନ ଆଳୁ ପହଞ୍ଚିଯିବା କଥା । ଫେବ୍ରୁଆରି ସୁଦ୍ଧା ଆଳୁ ବଢିବାର ସୁଯୋଗ ଥାଏ । ଫେବ୍ରୁଆରି ପ୍ରଥମ ସପ୍ତାହ ପରେ ଅମଳ କରାଯାଏ । ମାତ୍ର ଆରମ୍ଭରୁ ହିଁ ବିହନ ଯୋଗାଣରେ ବିଳମ୍ବ ଯୋଗୁଁ ଫେବ୍ରୁଆରି ମାସ ସୁଦ୍ଧ ଆଳୁ କ୍ଷମତା ଅନୁସାରେ ବଢ଼ିପାରିବ ନାହିଁ ଏବଂ ଉତ୍ପାଦନ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ରହିଛି । ଅନ୍ୟ ରାଜ୍ୟରେ ୧ କେଜି ବିହନରେ ୧୫ କେଜି ଆଳୁ ଉତ୍ପାଦିତ ହୋଇଥାଏ । ଓଡ଼ିଶାରେ ଏହା ୮ରୁ ୧୨ କେଜି ହୁଏ । ବର୍ତ୍ତମାନ ବିହନ ଯୋଗାଣରେ ବିଳମ୍ବ ଯୋଗୁଁ ବର୍ଦ୍ଧିତ ଚାଷର ଲାଭ ଗ୍ରାହକ ଏବଂ ଚାଷୀଙ୍କୁ କେତେ ମିଳୁଛି ତାକୁ ନେଇ ବର୍ତ୍ତମାନ ଠାରୁ ଅନିଶ୍ଚିତତା ସୃଷ୍ଟି ହେଲାଣି ।

ସୂଚନା ଅନୁଯାୟୀ, ଆଳୁ ଚାଷ ପ୍ରୋତ୍ସାହନ ପାଇଁ ସମୁଦାୟ ଖର୍ଚ୍ଚର ୪୦ ପ୍ରତିଶତ ଅର୍ଥାତ ହେକ୍ଟର ହିସାବରେ ସର୍ବାଧିକ ୫୮ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ସରକାର ଚାଷୀଙ୍କୁ ଦେଇଥାଆନ୍ତି । ଏଥିରୁ ବିହନରେ ୭୫ ପ୍ରତିଶତ ରିହାତି ରହିଛି । ତେଣୁ ବିଳମ୍ବରେ ବିହନ ଯୋଗାଣ କେବଳ ଚାଷୀ ନୁହେଁ ସରକାର ମଧ କ୍ଷତିଗ୍ରସ୍ତ ହେଉଛନ୍ତି । ୨୦୧୫ ମସିହାରେ ରାଜ୍ୟ ସରକାର ଆଳୁ ମିସନ ଆରମ୍ଭ କରି ଅତି ଶୋଚନୀୟ ଭାବରେ ବିଫଳ ହେଲେ । ସେତେବେଳେ ୧୫ ହଜାର ହେକ୍ଟରରେ ଆଳୁ ଚାଷ କରାଯାଇଥିଲା । ୨୦୧୭ ସୁଦ୍ଧା ୬୦ ହଜାର ହେକ୍ଟରରେ ଚାଷ କରି ୧୧.୨୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିଲା । ତାହା ଆଜିବି ଦିବା ସ୍ୱପ୍ନ ଭଳି ଲାଗୁଛି । ବିହନ ଯୋଗାଣରେ ବିଳମ୍ବ ପୁରୁଣା ଭୁଲ୍କୁ ଦୋହରାଇବ ନା ସରକାର ଆଳୁ ଉତ୍ପାଦନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବେ ଦେଖିବାକୁ ବାକି ରହିଲା ।

# ତାଲିକାଭୁକ୍ତ ହୋଇଛନ୍ତି ୪୮ ୱେବ ଚାନେଲ

ଭୁବନେଶ୍ୱର , ୩୦/୧୧ (ନି.ପ୍ର): ରାଜ୍ୟରେ ୪୮ଟି ୱେବ ଚାନେଲ ସୂଚନା ଓ ଲୋକସଂପର୍କ ବିଭାଗ ଅଧୀନରେ ତାଲିକାଭୁକ୍ତ ହୋଇଛନ୍ତି । ଯେଉଁ ୱେବ ଚାନେଲ ବିଭାଗ ଅଧୀନରେ ବିଜ୍ଞାପନ ପାଇଁ ତାଲିକାଭୁକ୍ତ ହୋଇଛନ୍ତି ତାହାର ତଥ୍ୟ ବିଭାଗ ନିକଟରେ ରହିଛି । ତେବେ ରାଜ୍ୟରେ ମୋଟଭାବେ କେତୋଟି ୱେବ ଚାନେଲ ଓ ୟୁ ଟ୍ୟୁବ୍ ଚାନେଲ କାର୍ଯ୍ୟ କରୁଛି ତାହା ସୂଚନା ବିଭାଗ ନିକଟରେ ନ ଥିବା କହିଛନ୍ତି ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ।

ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଅମାତ କହିଛନ୍ତି ଯେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ସୁପାରିସ ହୋଇ ଆସିଥିବା କାର୍ଯ୍ୟରତ ସାମ୍ବାଦିକଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇଥାଏ ।

# ତିନିବର୍ଷରେ ୨୫୪ ହାତୀ ମୃତ

ଭୁବନେଶ୍ୱର , ୩୦/୧୧ (ନି.ପ୍ର): ୨୦୧୯-୨୦ରୁ ୨୦୨୧-୨୨ ଅର୍ଥାତ୍ ଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ ୨୪୫ଟି ହାତୀଙ୍କ ମୃତ୍ୟୁ ଘଟିଛି । ସେଥିମଧ୍ୟରୁ ୬ଟି ହାତୀଙ୍କ ଶିକାର କରାଯାଇଛି । ଏହି ସମୟ ମଧ୍ୟରେ କୌଣସି ବାଘର ମୃତ୍ୟୁ ହୋଇ ନ ଥିବା ବେଳେ ୫୨୩ଟି ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଶିକାର ଦ୍ୱାରା ମୃତ୍ୟୁ ହୋଇଛି । ଏହି ତିନି ବର୍ଷରେ ୧୬୧୭ଜଣ ଶିକାରୀ ଗିରଫ ହୋଇଛନ୍ତି । ସେହିପରି ବନ୍ୟଜନ୍ତୁଙ୍କ ଆକ୍ରମଣରେ ୪୨୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୧୩ଜଣ ଆହତ ହୋଇଥିବା ନେଇ ବିଧାୟକ ସୈମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଉତ୍ତରରେ ରଖିଛନ୍ତି ।

ଜଙ୍ଗଲ(ସଂରକ୍ଷଣ) ଆଇନ ୧୯୮୦ ଅନୁଯାୟୀ ଗତ ୧୫ ବର୍ଷରେ ରାଜ୍ୟରେ ଶିଳ୍ପ, ଖଣି ଓ ଭିତ୍ତିଭୂମି ନିର୍ମାଣ ଲାଗି ମୋଟ ୨୬୩୨୮.୩୨୬ ହେକ୍ଟର ଜଙ୍ଗଲ ଜମିକୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନୁମୋଦନ ପ୍ରଦାନ କରିଛି । ଉପରୋକ୍ତ ଅପସାରିତ ଜଙ୍ଗଲ ଜମି ପ୍ରତିବଦଳରେ ୧୨୪ କୋଟି ୫୭ ଲକ୍ଷ ୨୦ ହଜାର ୭୯୩ ଟଙ୍କା ବ୍ୟୟରେ ୩୫.୬୫୬.୯୩୯ ହେକ୍ଟର କ୍ଷତିପୂରଣ ବନୀକରଣ କରାଯାଇଛି । କ୍ଷତିପୂରଣ ବନୀକରଣ ଯୋଜନାରେ କୌଣସି ହେରଫେର ହୋଇଥିବାର ତଥ୍ୟ ଏପର୍ଯ୍ୟନ୍ତ ହସ୍ତଗତ ହୋଇ ନ ଥିବା ନେଇ ବିଧାୟକ ସୈମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଉତ୍ତରରେ ରଖିଛନ୍ତି । ବର୍ତ୍ତମାନ ରାଜ୍ୟରେ କେତେ ବାଘ ଅଛି ସେନେଇ ତଥ୍ୟ ନାହିଁ । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ସଂସ୍ଥା(ଏନ୍‌ଟିସିଏ) ଓ ଭାରତୀୟ ବନ୍ୟଜୀବ ସଂସ୍ଥାନ (ଡବ୍ଲୁଆଇଆଇ) ମିଳିତ ଭାବେ ୨୦୨୨ ପାଇଁ ବାଘ ଗଣନା କରୁଛନ୍ତି । ଏହି ଗଣନାର ଫଳ ପ୍ରକାଶ ପରେ ଓଡ଼ିଶାରେ ବାଘ ସଂଖ୍ୟା ସମ୍ପର୍କରେ ଜଣାପଡ଼ିବ । ତେବେ ୨୦୧୮ରେ ଏନ୍‌ଟିସିଏ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ରାଜ୍ୟରେ ୨୮ଟି ବାଘ ରହିଥିଲେ । ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୭ଟି ବାଘଙ୍କ ମୃତ୍ୟୁ ହୋଇଥିବା ବେଳେ ବାଘ ଆକ୍ରମଣରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି । ମରିଥିବା ୭ଟି ବାଘଙ୍କ ମଧ୍ୟରୁ ୪ଟି ଶିକାର ଜନିତ କାରଣରୁ, ଦୁଇଟି ଦୁର୍ଘଟଣାରେ ଏବଂ ଗୋଟିଏ ରୋଗ ଜନିତ କାରଣରୁ ମରିଥିବା ନେଇ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ପ୍ରଶ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉତ୍ତର ରଖିଛନ୍ତି ।

# ସାଧାରଣ ପାଠ୍ୟକ୍ରମକୁ ପିଲାଙ୍କ ନା : ଯୁକ୍ତ୨ରେ ଲକ୍ଷାଧିକ ସିଟ୍ ଖାଲି

ଭୁବନେଶ୍ୱର , ୩୦/୧୧ (ନି.ପ୍ର): ୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟର ୨୦୬୭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ୨ କଲେଜର ୫ ଲକ୍ଷ ୯ ହଜାର ୩୫୮ ସିଟ୍‌ରେ ନାମଲେଖା ଲାଗି ରାଜ୍ୟ ସରକାର ଅନୁମତି ଦେଇଥିଲେ । ମାଟ୍ରିକ୍ ପରେ ଉଚ୍ଚଶିକ୍ଷା ପାଇଁ ପିଲାଙ୍କ ଆଗ୍ରହକୁ ଦେଖି ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ଗଣଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା । ମାତ୍ର ୪ଟି ପର୍ଯ୍ୟାୟ ନାମଲେଖା ଶେଷ ପରେ ମଧ ଯୁକ୍ତ୨ରେ ଲକ୍ଷାଧିକ ସିଟ୍ ଖାଲି ପଡ଼ିଛି । କଳା ବିଭାଗର ଅଧିକାଂଶ ସିଟ୍ ପୂରଣ ହୋଇଛି । ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଭାଗରେ ପୂର୍ବ ବର୍ଷଗୁଡ଼ିକ ପରି ଏଥର ମଧ ଖାଲି ପଡ଼ିଛି । ଚିନ୍ତା ବଢ଼ାଇଛି ବିଜ୍ଞାନରେ ଖାଲି ପଡୁଥିବା ସିଟ୍‌କୁ ନେଇ । ବିଗତବର୍ଷ ତୁଳନାରେ ଏଥର ଅଧିକାଂଶ ଛାତ୍ରଛାତ୍ରୀ ମାଟ୍ରିକ୍‌ରେ ଉନ୍ନତ ମାର୍କ ରଖି ଭଲ ପ୍ରଦର୍ଶନ କରିଥିଲେ ମଧ ବିଜ୍ଞାନ ପଢ଼ିବାକୁ ଆଗ୍ରହ ଦେଖାଇ ନାହାନ୍ତି । ଯେଉଁଥିପାଇଁ ଏବର୍ଷ ପାଖାପାଖି ୫୦ ହଜାର ବିଜ୍ଞାନ ସିଟ୍ ବଳକା ରହିଛି । କେତେକ ଘରୋଇ ବିଜ୍ଞାନ କଲେଜରେ ୫ରୁ କମ୍ ପିଲା ନାମ ଲେଖାଇଛନ୍ତି । ପ୍ରମୁଖ ସରକାରୀ କଲେଗୁଡ଼ିକର ସିଟ୍ ପୂରଣ ହୋଇଥିଲେ ମଧ ସାମ୍ସ ମାଧମରେ ହେଉଥିବା ନାମଲେଖା ପ୍ରକ୍ରିୟା ଯୋଗୁଁ ପିଲାମାନେ ନିଜ ପସନ୍ଦର କଲେଜ ପାଇପାରୁ ନାହାନ୍ତି ଏବଂ ବାଧ ହୋଇ ଅଧାରୁ ପାଠପଢ଼ା ଛାଡୁଛନ୍ତି । ସାମ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ସୁଦ୍ଧା ୪ ଲକ୍ଷ ୬ହଜାର ୭୦୦ ସିଟ୍ ପୂରଣ ହୋଇଛି । କଳା ବିଭାଗରେ ମୋଟ ୨ ଲକ୍ଷ ୭୭ ହଜାର ୩୭୮ ସିଟ୍ ମଧ୍ୟରୁ ୨୭ ହଜାର ୨୩ ସିଟ୍ ବଳକା ରହିଛି । ବିଜ୍ଞାନ ବିଭାଗରେ ୧ ଲକ୍ଷ ୬୩ ହଜାର ୩୦୪ ସିଟ୍ ମଧ୍ୟରୁ ୪୯ ହଜାର ୫୨୬ ଖାଲି ପଡ଼ିଥିବା ବେଳେ ବାଣିଜ୍ୟରେ ୪୫ ହଜାର ୫୨୬ ସିଟ୍ ମଧ୍ୟରୁ ୧୮ ହଜାର ୫୩ ସିଟ୍‌ରେ କେହି ନାମ ଲେଖାଇ ନାହାନ୍ତି । ସଂସ୍କୃତ ବିଭାଗରେ ୧୩ ହଜାର ୩୩୨ ସିଟ୍ ମଧ୍ୟରୁ ୯ ହଜାର ୪୧୩ ପୂରଣ ହୋଇଛି । ଧନ୍ଦାମୂଳକ ବିଭାଗରେ ୧୦ ହଜାର ୧୨ ସିଟ୍ ମଧ୍ୟରୁ ୪ ହଜାର ୧୩୭ ସିଟ୍ ବଳକା ରହିଛି । ଏବେ ୧ ଲକ୍ଷ ୨ ହଜାର ୬୫୮ ସିଟ୍ ବଳକା ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରତି ପିଲାମାନେ ସେତେଟା ଆଗ୍ରହ ଦେଖାଉ ନାହାନ୍ତି । ଯେଉଁଥିପାଇଁ ପ୍ରତିବର୍ଷ ୪୦%ରୁ ଅଧିକ ସିଟ୍ ଖାଲି ପଡୁଛି । ତା'ପରେ ବି ରାଜ୍ୟ ସରକାର ସିଟ୍ ହ୍ରାସ କି ପାଠ୍ୟକ୍ରମ ବନ୍ଦ କରୁନାହାନ୍ତି । ବରଂ ସରକାରୀ କଲେଜରେ ପୂର୍ବଭଳି ଧନ୍ଦାମୂଳକ ବିଭାଗରେ ଶିକ୍ଷାଦାନ ଚାଲିଛି । କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ବିଭାଗ ପାଇଁ ଗଞ୍ଜାମରେ ସବୁଠାରୁ ଅଧିକ ୪୨ ହଜାର ୪୧୭ ସିଟ୍ ରହିଥିବା ବେଳେ ସେଥିରୁ ୩୩ ହଜାର ୯୩୯ ପୂରଣ ହୋଇଛି । ଆଉ ମାତ୍ର ୮ ହଜାର ୪୭୮ ସିଟ୍ ଖାଲି ପଡ଼ିଛି । ଖୋର୍ଦ୍ଧା ଜିଲ୍ଲାର ୪୧ ହଜାର ୪୫୨ ସିଟ୍ ମଧ୍ୟରୁ ୩୦ ହଜାର ୩୭୮, କଟକର ୩୭ ହଜାର ୩୬୨ ସିଟ୍ ମଧ୍ୟରୁ ୨୮ ହଜାର ୧୯୦, ବାଲେଶ୍ୱରର ୩୪ ହଜାର ୯୪୮ରୁ ୨୫ ହଜାର ୭୭୯, ମୟୂରଭଞ୍ଜର ୩୦ ହଜାର ୨୬ ସିଟ୍ ମଧ୍ୟରୁ ୨୫ ହଜାର ୮୬୮ ସିଟ୍ ପୂରଣ ହୋଇଛି । ମାଲକାନଗିରିରେ ୫ ହଜାର ୨୭୪ ସିଟ୍ ମଧ୍ୟରୁ ୪ହଜାର୯୮୫ ସିଟ୍ ପୂରଣ ହୋଇଛି । ଏହି ଜିଲ୍ଲାରେ ସଂସ୍କୃତ ଓ ଧନ୍ଦାମୂଳକ ବିଭାଗ ହିଁ ନାହିଁ । କଳା ବିଭାଗରେ ମାତ୍ର ୭ଟି ସିଟ୍ ଖାଲି ପଡ଼ିଛି ।

# ପୌରାଞ୍ଚଳରେ ସାଢ଼େ ୩ଲକ୍ଷ ବାସହୀନ ପରିବାର

ଭୁବନେଶ୍ୱର : ହାଉସିଂ ଫର ଅଲ ପ୍ଲାନ୍ ଅଫ୍ ଆକ୍ସନ୍ (ଏଚ୍ଏଫ୍ଏପିଓଏ) ପକ୍ଷରୁ ୨୦୧୭/୧୮ ଆର୍ଥିକ ବର୍ଷରେ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ରାଜ୍ୟର ସମସ୍ତ ପୌରାଞ୍ଚଳ ମାନଙ୍କରେ ୩,୫୩,୧୮୨ଟି ପକ୍କାଘର ନ ଥିବା ତଥା ବାସହୀନ ପରିବାର ଚିହ୍ନଟ ହୋଇଥିଲେ । ଗତ ୧୨ବର୍ଷରେ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଯଥା ଆଇଏଚ୍ଏସ୍ଡିପି, ବିଏସ୍ୟୁପି, ଆରଏୱାଇ ଓ ପିଏମ୍ଏୱାଇ(ୟୁ) ଇତ୍ୟାଦିରେ ବର୍ତ୍ତମାନସୁଦ୍ଧା ୨,୧୫,୧୬୪ଟି ବାସହୀନ ପରିବାରକୁ ବାସଗୃହ ଯୋଗାଇ ଦେବା ପାଇଁ ଅନୁମୋଦନ କରିଛନ୍ତି ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ପେ ?ର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଏହି ସୂଚନା ଦେଇଛନ୍ତି । ଶ୍ରୀମତୀ ଦେବୀ କହିଛନ୍ତି, ଏସବୁ ପ୍ରକଳ୍ପରେ ଗୃହ ନିର୍ମାଣ ପାଇଁ ବର୍ତ୍ତମାନ ୨୮୪୬.୩୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

## ସ୍ୱଭାବ କବି ଗଙ୍ଗାଧର ମେହେର ଭବନ ନିର୍ମାଣ ପାଇଁ ଭୁବନେଶ୍ୱରରେ ଜମି ଓ ଅର୍ଥ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡିଆ ସାହିତ୍ୟର ଯଶସ୍ୱୀ ସାଧକ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିରେ ଭୁବନେଶ୍ୱରଠାରେ 'ସ୍ୱଭାବ କବି ଗଙ୍ଗାଧର ମେହେର ଭବନ' ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଚନ୍ଦ୍ରଶେଖରପୁର ମୌଜାରେ ଅଧ ଏକର ଜମି ମଞ୍ଜୁର କରିଛନ୍ତି। ଏହାସହିତ ଏହି ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୩ କୋଟି ଟଙ୍କା ମଧ ମଞ୍ଜୁର କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ୨୮ ତାରିଖ ଦିନ ନିଖିଳ ଓଡିଶା ମେହେର (ଭୁଲିଆ) ସମାଜର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ୱଭାବ କବିଙ୍କ ସ୍ମୃତିରେ ଭବନ ନିର୍ମାଣ ଓ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ବିଷୟରେ ଆଲୋଚନା କରିଥିଲେ। ଏହାଦ୍ୱାରା ଦୂରଦୂରାନ୍ତରରୁ ପାଠ ପଢିବାକୁ ଆସୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଠ ପଢିବା ପାଇଁ ତଥା ଚିକିତ୍ସା ପାଇଁ ଆସୁଥିବା ଲୋକମାନଙ୍କୁ ବିଭିନ୍ନ ସେବା ଏହି ଭବନରେ ଯୋଗାଇ ଦିଆଯିବ ବୋଲି ମେହେର ସମାଜ ପକ୍ଷରୁ ସୂଚନା ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ମେହେର ସମାଜର ଅନୁରୋଧକୁ ରକ୍ଷା କରି ଜମି ଯୋଗାଇ ଦେବାପାଇଁ ଏବଂ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ସୁରନକୋଟରେ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ

ଜାମ୍ମୁ, ୩୦/୧୧ (ନି.ପ୍ର): ପୁଂଛ ଜିଲ୍ଲାର ସୁରନକୋଟ ତହସିଲର ନବନା ଗାଆଁରେ ସୁରକ୍ଷା କର୍ମୀମାନେ ବୁଧବାର ଦିନ ଏକ ଆତଙ୍କବାଦୀ ଠିକଣାର ପର୍ଦ୍ଦାଫାଶ କରି ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରିଛନ୍ତି । ପୋଲିସ୍‌ର ଏକ ଅଧିକାରୀ କହିଛନ୍ତି ଯେ ସୁରନକୋଟ ତହସିଲର ନବନା ଗାଆଁରେ ସନ୍ଦିଗ୍ଧ ଗତିବିଧିର ବିଶେଷ ସୂଚନା ମିଳିବା ପରେ ପୋଲିସ୍ ଏବଂ ସେନା ସଂଯୁକ୍ତ ରୂପରେ ତଲାସୀ ଅଭିଯାନ ଆରମ୍ଭ କରିଛି। ଅଭିଯାନ ସମୟରେ ସୁରକ୍ଷାକର୍ମୀ ଏକ ଆତଙ୍କବାଦୀ ଠିକଣାକୁ ଖୋଜିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଏହି ଠିକଣାରୁ ଦୁଇ ରାଇଫଲ, ଛଅ ମ୍ୟାଗାଜିନ, ୬୯ ରାଉଣ୍ଡ ଏବଂ ଏକ ମ୍ୟାଗାଜିନ ସହିତ ଏକ ପିସ୍ତଲ ଏବଂ ପାଂଚ ହାତବମ୍ ଜବତ କରାଯାଇଛି।

# ନୂତନ ଭୋଟର ଆଗୁଆ ପଞ୍ଜିକରଣ ପାଇଁ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୩୦/୧୧ (ନି.ପ୍ର): ଭୋଟର ତାଲିକାରେ ନୂତନ ଭାବେ ଅର୍ନ୍ତଭୁକ୍ତ ହେବା ପାଇଁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇ ମୋବାଇଲ ଯୋଗେ ଆଗୁଆ ପଞ୍ଜିକରଣ ସୁବିଧା ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ନୟନମଣି ମହାବିଦ୍ୟାଳୟରେ ତହସିଲଦାର ସରୋଜକାନ୍ତ ନାୟକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୀନକେତନ ବାରିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁ ଆଗାମୀ ୨୦୨୩ ଜାନୁୟାରୀ, ଅପ୍ରେଲ, ଜୁଲାଇ ଓ




ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ କରୁଥିବା ଯୁବବର୍ଗ ଅନଲାଇନରେ ଭୋଟର ତାଲିକାରେ ନିର୍ଭୁଲ ଭାବେ ଅର୍ନ୍ତଭୁକ୍ତ ହେବାପାଇଁ ନାମ ପଞ୍ଜିକରଣ କରିବାକୁ ଆଗଭର ହୁଅନ୍ତୁ ବୋଲି ପ୍ରବର୍ତ୍ତାଇଥିଲେ । ମୋବାଇଲ ଯୋଗେ ସହଜରେ ଏହି କାର୍ଯ୍ୟ ସମ୍ପାଦନ କରିବା ପ୍ରଣାଳୀ ମଧ ପ୍ରଦର୍ଶିତ କରିଥିଲେ । ଏପରିକି ଭାରତୀୟ ନିର୍ବାଚନ କମିଶନଙ୍କ ୱେବ ସାଇଟ ଯୋଗେ ନାମ ପଞ୍ଜିକରଣ ଅଥବା ନିକଟସ୍ଥ ବୁଥ ଲେବୁଲ ଅଫିସରଙ୍କ ନିକଟରେ ଏହି କାର୍ଯ୍ୟ ବେଳହୁଁ କରିନେବାକୁ ଛାତ୍ରଛାତ୍ରୀମାନଙ୍କୁ ସୂଚୀତ କରିଥିଲେ । ସେହିପରି ବାରିକପୁର ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ରମେଶ ଚନ୍ଦ୍ର ବେହୁରିଆ, ଏନ.ସି.ସି. ଅଧିକାରିଣୀ ଅଧାପିକା ରିତାଞ୍ଜଳୀ ପାରମାଣିକ ଓ ଅଧାପକ ଅନାଦି ଚରଣ ସାହୁଙ୍କ ଉପସ୍ଥିତିରେ ଅଧିକାରୀ ଶ୍ରୀ ବାରିକ ଓ ଶ୍ରୀ ସାହୁ ଛାତ୍ରଛାତ୍ରୀମାନଙ୍କୁ ଭୋଟର ତାଲିକାରେ ନିଜେ ମୋବାଇଲ ଯୋଗେ ନାମପଞ୍ଜିକରଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ବାରିକପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁରୂପ ଭାବେ ସଚେତନତା । ଶିବିର ଅନୁଷ୍ଠିତ ହୋଇଥିଲା ।

## ୧୨ ଦିନିଆ ଆପଦା ମିତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲେଶ୍ୱର, ୩୦/୧୧ (ନି.ପ୍ର): ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସଦର ବ୍ଲକ ଗେଙ୍ଗୁଟି ଗ୍ରାମ ପଞ୍ଚାୟତର ପାଖରସାଉଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଗତ ୧୮ ତାରିଖରୁ ଚାଲିଥିବା ୧୨ ଦିନିଆ ଆବାସିକ 'ଆପଦା ମିତ୍ର' ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦଯାବିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ସହାୟତାରେ ଆୟୋଜିତ ଶିବିରଅତିରିକ୍ତ ଜିଲାପାଳଳ (ରାଜସ୍ୱ)ସୁଚାରୁ ବଳ ଉଦଘାଟନ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜ୍ୱାନା କଓ୍ୱକବଙ୍କ ଉପସ୍ଥିତିରେ ତାଲିମ ଶିବିର ଶୁଭାରମ୍ଭ ହୋଇଥିଲା। ଦୀର୍ଘ ୧୨ ଦିନ ଧରି ଚାଲିଥିବା ଏହି ଆବାସିକ ତାଲିମ୍ ଶିବିରରେ ସଦର ଓ ରେମୁଣା



ବ୍ଲକ୍‌ର ୪୦ଜଣ 'ଆଦା ମିତ୍ର' ଅଂଶ ଗ୍ରହଣ କରିଥିଲେ। ଏଥିରେ ୨୧ ଜଣ ପୁରୁଷ ଓ ୧୯ ଜଣ ମହିଳା ଥିଲେ। ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟ୍ୟୟ ପରେ ଜୀବନ ରକ୍ଷା କୌଶଳ, ଅନୁସନ୍ଧାନ କୌଶଳ, ଉଦ୍ଧାର କୌଶଳ, ନୌ ଚାଳନା କୌଶଳ ଇତ୍ୟାଦି ବିଷୟରେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ସିଭିଲ ଡିଫେନ୍ସର ମାଷ୍ଟର ଟ୍ରେନରମାନେ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ସମସ୍ତ ଆପଦା ମିତ୍ରଙ୍କର ଏକ ଲିଖିତ ପରୀକ୍ଷା କରାଯାଇଥିଲା। ସମସ୍ତ କୃତୀ ଶିକ୍ଷା ନବିସଙ୍କୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନୀଲୁ ମହାପାତ୍ର ଓ ଜରରୀକାଳୀନ ଅଧିକାରୀ ରିଜୱାନା କଓ୍ୱକବ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆପଦା ମିତ୍ର ଦକ୍ଷତା ବୃଦ୍ଧି ତାଲିମ୍ ଶିବିରକୁ ଜିଲା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ ଏବଂ ୟୁନିସେଫର ଜିଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡରେ ସ୍ତ୍ରୀ ମୃତ : ସ୍ୱାମୀ ଗୁରୁତର

ବସ୍ତା, ୩୦/୧୧ (ନି.ପ୍ର): ସିଂଲା ଥାନା ତରଡାବୋଧିଆ ଗାଁରେ ମଙ୍ଗବାର ରାତିରେ ଅଗ୍ନିକାଣ୍ଡ ଘଟି ସ୍ତ୍ରୀ ମୃତ ସ୍ୱାମୀ ଗୁରୁତର ହୋଇଥିବା ଜାଣାଯାଇଛି । ଅଗ୍ନିକାଣ୍ଡର କାରଣ ଏବେବି ଅସ୍ପଷ୍ଟ ରହିଛି ।ସୁଚନା ଅନୁଯାୟୀ ତରଡାବୋଧିଆ ଗ୍ରାମର ଶିବାନନ୍ଦ ଖଣ୍ଡାଙ୍କ ସ୍ତ୍ରୀ ରୀନାଙ୍କ ଦେହରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ନିଆଁ କୁ ଲିଭାଇ ପ୍ରଥମେ ରୀନା ଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ ଡାକ୍ତର। ମାତ୍ର କଟକ ଯିବା ବାଟରେ ରୀନାର ମୃତ ହୋଇଥିଲା । ଅଗ୍ନିକାଣ୍ଡ ରେ ତାଙ୍କ ସ୍ୱାମୀ ଶିବାନନ୍ଦ ମଧ ଆହତ ହୋଇଛନ୍ତି। ତାଙ୍କ ହାତ ଏବଂ ପେଟରେ ନିଆଁର ଆଘାତ ଲାଗିଛି । ନିଆଁ ଲାଗିବାର କାରଣ ଜଣାପଡିନାହିଁ।

## ବଣାଇକୁ ଜିଲ୍ଲା ମାନ୍ୟତା ପ୍ରଦାନ କରିବାକୁ ଦାବି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବଣାଇକୁ ଜିଲ୍ଲା ମାନ୍ୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ଆଜି ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ ଏହା ଦାବି କରିଛନ୍ତି। ସେ କହିଛନ୍ତି ଯେ - ପଦ୍ମପୁର ଉପ ନିର୍ବାଚନ ବେଳେ ଏହାକୁ ଜିଲ୍ଲା ମାନ୍ୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହା ଜାଣିବା ପରେ ଅନ୍ୟ ଅଂଚଳ ମାନଙ୍କରେ ମଧ୍ୟ ଜିଲ୍ଲା ମାନ୍ୟତା ପାଇବାକୁ ଦାବି ଆରମ୍ଭ ହୋଇଛି। ବଣାଇକୁ ମଧ୍ୟ ଜିଲ୍ଲା ମାନ୍ୟତା ପ୍ରଦାନ କରିବାକୁ ଦାବି ଜୋର ଧରିଛି । ତେଣୁ ଏହାକୁ ମଧ୍ୟ ଜିଲ୍ଲା ମାନ୍ୟତା ଦିଆ ଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଟାଟା ଏ.ସି. ଗାଡ଼ିରେ ୭୦ ରୁ ଅଧିକ ଶ୍ରମିକ, ଗାଡ଼ିକୁ ଜବତ କଲା ପୋଲିସ

ନୀଳଗିରି, ୩୦/୧୧ (ନି.ପ୍ର): ସାଧାରଣତଃ ଗୋଟିଏ ବସରେ ୫୦ ରୁ ୬୦ଜଣ ଯାତ୍ରୀଙ୍କ ଯିବାର କ୍ଷମତା ରହିଥିବା ବେଳେ ଗୋଟିଏ ଛୋଟ ଟାଟା ଏ.ସି. ଗାଡ଼ିରେ ୭୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ଯିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଆଜି ଏକ ଟାଟାଏସି ଗାଡ଼ି ସକାଳେ ୫୦ ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ସଜନାଗଡ଼ରୁ ନୀଳଗିରି ଆସୁଥିବା ବେଳେ ପୋଡ଼ାଶୁଳ ନିକଟରେ ହଠାତ୍ ଟାଟା ଏସିର ଚକା ଫାଟି ଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ କେନାଲକୁ ଗଳି ପଡ଼ିଥିଲା । । ଫଳରେ ଭଗବାନଙ୍କ ଦୟାରୁ କେହି ମୃତ୍ୟୁବରଣ କରି ନ ଥିବା ବେଳେ ସାମାନ୍ୟ ଆହତ ହୋଇଥିବା ଦେଖିବାକୁ ମିଳିଛି। ଖବର ପାଇ ନୀଳଗିରି ପୋଲିସ ପହଂଚିଲା ବେଳକୁ ଡ୍ରାଇଭରର ଗାଡ଼ିଟିକୁ କେନାଲରୁ ବାହାର କରି ଫେରାର ହୋଇଯାଇଥିଲା । ଘଟଣାକୁ ଗୁରୁତ୍ୱ ଦେଇ ନୀଳଗିରି



ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ନିର୍ଦ୍ଦେଶରେ ଥାନାର ଏ.ଏସ.ଆଇ. ଅନନ୍ତ ମୁର୍ମୁ, ଏ.ଏସ.ଆଇ. ଉତମ କୁମାର ସିଂ ସଦଳବଳେ ଓଭର ଲୋଡିଂ ହୋଇଯାଇଥିବା ଶ୍ରମିକ ଭର୍ତି ଗାଡ଼ିକୁ ଜବତ କରି ନୀଳଗିରରି ଥାନାକୁ ଆଣିଛନ୍ତି । ତେବେ ଆଇ.ଆଇ.ସି. ଜବତ ଗାଡ଼ିଟିର ସମସ୍ତ କାଗଜପତ୍ର ଯାଂଚ କରିବା ସହ ଥାନାରେ ମାମଲା ରୁଜୁ କରିଛି । ତେବେ ଗୋଟେ ଛୋଟ ଟାଟା ଏସି. ଗାଡ଼ିରେ ୭୦ରୁ ଉର୍ଦ୍ଧ୍ୱ ଶ୍ରମିକ ଥିବାର ପୋଲିସ ତଦନ୍ତ ରୁ ଜଣାପଡ଼ିଛି । ଧାନକଟା ଚାଲିଥିବା ବେଳେ ଗାଡ଼ି ମାଲିକମାନେ ଲୋଭରେ ବଶବର୍ତ୍ତୀ ହୋଇ ଅତ୍ୟଧିକ ଶ୍ରମିକଙ୍କୁ ଭର୍ତି କରି ନେଉଥିବା ବେଳେ ଶ୍ରମିକଙ୍କ ଜୀବନ ଘୋର ବିପଦ ସୃଷ୍ଟି କରିଛି । ନୀଳଗିରି ପୋଲିସର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ପାଳବଣି ବାଇପାସରେ ବାରିପଦା ପ୍ରବେଶ ପଥ ବନ୍ଦ

## ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଜାତୀୟ ରାଜପଥ ବିଭାଗକୁ ଦାବିପତ୍ର ପ୍ରଦାନ

ବାରିପଦା, ୩୦/୧୧ (ନି.ପ୍ର): ଜାତୀୟ ରାଜପଥ ନଂ ୧୮ ବାଲେଶ୍ୱର ରୁ ଝାରପୋଖରୀଆ ନିର୍ମାଣ କାମ ପ୍ରାୟତ ଶେଷ ପର୍ଯ୍ୟାୟରେ ଥିବା ବେଳେ, ପାଲବଣୀ ବାଇପାସ ନିକଟରେ ବାରିପଦା ସହରର ପ୍ରବେଶ ପଥରୁ ଜାତୀୟ ରାଜପଥର ବାମ ପଟକୁ ଯିବାର କୌଣସି ସୁବିଧା କରାଯାଇ ନଥିବାରୁ ଜନସାଧାରଣ ବାମ ପଟକୁ ଯିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି । ସେମାନେ ଡାହାଣ ପଟ ରାସ୍ତାରେ ପ୍ରାୟ ଏକ କିଲୋମିଟର ଯିବାପରେ ବାମ ପଟକୁ ଯିବା ପାଇଁ ବ୍ୟବସ୍ଥା କରାଯାଇଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି । ବିଭିନ୍ନ ସମୟରେ



ଦୂର୍ଘଟଣା ମାନ ମଧ ଘଟୁଥିବା ବେଳେ, ସ୍ଥାନୀୟ ଜନସାଧାରଣ ରାସ୍ତାରୋକ ମଧ କରିଥିଲେ । ସେହିପରି ଦାରୋଗାଡାହି ଠାରୁ ମୁର୍ଗାବାଡି ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର ବାମ ପଟରୁ ଡାହାଣ ପଟକୁ ଯିବାର କୌଣସି ସୁବିଧା କରାଯାଇନଥିବାରୁ ଜନସାଧାରଣ ଉଭୟ ପଟକୁ ଯିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି । ଉକ୍ତ ଜାତୀୟ ରାଜପଥରେ ଫ୍ଲାୟ ଅଭର ନିର୍ମାଣ କରାଯିବା ସମୟରେ କୌଣସି ଜନ ଶୁଣାଣୀ କରାନଯିବା କିମ୍ବା ବାରିପଦା ପୌରାଂଚଳ ମଧରେ ଉକ୍ତ ପ୍ରକଳ୍ପ କାମ ହେଉଥିବା ବେଳେ ପୌରପାଳିକା ଓ ଜିଲ୍ଲାପ୍ରଶାସନ ସ୍ତରରେ ନିର୍ମାଣ ସମ୍ବନ୍ଧୀୟ କୌଣସି ଆଲୋଚନା କରାନଯାଇ ଭୁଲ ଯୋଜନାରେ କାମ କରିଥିବାରୁ ଜନସାଧାରଣଙ୍କ ଗମନାଗମନରେ ଅଶେଷ ଅସୁବିଧା ହେଉଅଛି । ଏଥିପାଇଁ ବିଗତ ତା ୨୫/୧୧/୨୨ ରିଖ ବାରିପଦା ପୌରପରିଷଦ କାଉନସିଲ ବୈଠକରେ ଉପସ୍ଥିତ ସଦସ୍ୟ/ ସଦସ୍ୟା ମାନେ ଅସନ୍ତୋଷ ପ୍ରକାଶ କରି ଯଥାଶୀଘ୍ର ବିକଳ୍ପ ବ୍ୟବସ୍ଥା କରାଯିବାକୁ ଦାବୀ କରିଥିଲେ । ତେବେ ଆଜି ବିଜେଡି ମୟୂରଭଂଜ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ମୟୂରଭଂଜ ଜିଲ୍ଲାପାଳଙ୍କ ମାଧମରେ ଜାତୀୟ ରାଜପଥ ବିଭାଗର ପ୍ରକଳ୍ପ ଅଧିକାରୀଙ୍କୁ ଏସଂପର୍କରେ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି । ଦାବୀପତ୍ରରେ ପାଲବଣୀ ନିକଟସ୍ଥ ବାରିପଦା ସହରର ପ୍ରବେଶ ପଥରୁ ଅବରୋଧ ହଟାଯାଇ ବର୍ତମାନ ସେଠାରେ ସ୍ପିଡ ବ୍ରେକର ଏବଂ ଟ୍ରାଫିକ୍ ବ୍ୟବସ୍ଥା କରାଯିବା ଏବଂ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ଅଣ୍ଡର ପାସ ନିର୍ମାଣ କରିବାକୁ ଦାବୀ କରା ଯାଇଛି । ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ପ୍ଲାନିଂ ଏକ୍ସପର୍ଟ ସଦଶ୍ୟ ଜିତେନ୍ଦ୍ର କୁମାର ମହାନ୍ତି, ମୟୂରଭଂଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଭାଦବ ହାଁସଦା, କାଉନସିଲର ଦେବାଶିଷ ପାତ୍ର, ଅନନ୍ତ ମହାନ୍ତି, ପ୍ରଭାତ ନାୟକ ପ୍ରମୁଖ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦ୍ୱିତୀୟ ଦିନରେ ବି ବର୍ଷିଲେ ....

ଓଡ଼ିଶା ତୁଳନାରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ହରିଆଣା ଭଳି ବିଜେପି ଶାସିତ ରାଜ୍ୟରେ ନାରୀ ନିର୍ଯ୍ୟାତନା ମାମଲା ଅଧିକ । ତେଣୁ କେନ୍ଦ୍ରମନ୍ତ୍ରୀ ଯାହା ନିର୍ବାଚନୀ ସଭାରେ କହୁଛନ୍ତି, ତାହା କେତେ ଠିକ୍ ଏବେ ବିଚାର କରିବାର ସମୟ ଆସିଛି । ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ପାଇକମାଳ ବ୍ଲକର ବିଭିନ୍ନ ସ୍ଥାନରେ ପଦଯାତ୍ରା କରିବା ସହ ମହିଳା ସମାବେଶ କରି ଭୋଟ ମାଗିଛନ୍ତି । ସମାବେଶରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିବା ଦେଖିବାକୁ ମିଳିଛି । ମନ୍ତ୍ରୀ ରୀତା ସାହୁ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ଝିଅ ଦିପାଲୀ ଦାସ, ଶ୍ରୀମୟୀ ମିଶ୍ର, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ପ୍ରଚାରରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଅବହେଳାକୁ ପ୍ରସଙ୍ଗ କରି ଭୋଟ ମାଗିଛନ୍ତି । ଏସବୁ ଭିତରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ସୁର ରାଉତରାୟ ଓ ସମର୍ଥକଙ୍କୁ ନେଇ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି । ଉଭୟ ବିଜେଡି ଓ ବିଜେପି ପଦ୍ମପୁର ପାଇଁ କିଛି କରିନଥିବା ଅଭିଯୋଗ କରିବା ସହ ତାଙ୍କୁ ଭୋଟ ଦେବାକୁ ଅପିଲ କରୁଛନ୍ତି । ଏପରିକି ବିଧାୟକ ପ୍ରାର୍ଥୀ ଭାବରେ ଏହା ତାଙ୍କର ଶେଷ ଲଢ଼େଇ ବୋଲି ଘୋଷଣା କରିଛନ୍ତି ସତ୍ୟଭୂଷଣ ।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ....

ଆନ୍ଦୋଳନର ନିଆଁରେ ଘିଅ ଢ଼ାଳି ଦେଇଛି । ସୁପ୍ରିମକୋର୍ଟ ପ୍ରଥମେ ଲାଇସେନ୍ସ ରଦ୍ଦ ଏବଂ ପରେ ଗିରଫଦାରୀ ନିର୍ଦ୍ଦେଶ ପରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହଙ୍କ ଆଭିମୁଖ୍ୟ ଉପରେ ନଜର ଥିଲା । ହେଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କୌଣସି ପ୍ରଭାବ ପଡ଼ିନି । ହାଇକୋର୍ଟ ବେଞ୍ଚ ଦାବିରେ ଆନ୍ଦୋଳନ କରୁଥିବା ଆଇନଜୀବୀ ଏବଂ ଓକିଲ ସଂଘକୁ ବାରମ୍ବାର ଚେତାବାନୀ ଓ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ପୂର୍ବରୁ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରିବା ପାଇଁ ବାର କାଉନସିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣିରେ ଆବଶ୍ୟକ ପଡ଼ିଲେ ଆଇନଜୀବୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାର ବିଭାଗୀୟ ଅଧିକାରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଡ଼ିଲେ ୧୪୪ ଧାରା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟ ବେଞ୍ଚ ସମ୍ପର୍କରେ ଟିପ୍ପଣୀ ରଖି ବିଚାରପତି କହିଥିଲେ- ଓଡ଼ିଶା ଏତେ ବଡ଼ ରାଜ୍ୟ ନୁହେଁ ଯେ, ୫ଟି ବେଞ୍ଚ ସ୍ଥାପନର ଆବଶ୍ୟକତା ରହିଛି । ସୁପ୍ରିମକୋର୍ଟଙ୍କ ଏହି ଯୁକ୍ତିକୁ କିନ୍ତୁ ଭିନ୍ନ ଭାବରେ ବର୍ଣ୍ଣନା କରିଛି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି । ହାଇକୋର୍ଟ ରେଜିଷ୍ଟ୍ରରଙ୍କ ଏକପାଖିଆ ପକ୍ଷ ଶୁଣି ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ସିଏସି ପକ୍ଷରୁ କୁହାଯାଇଛି । କିନ୍ତୁ ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ସିଏସିର ଆବାହକ କହିଛନ୍ତି । ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ଦାବି ନେଇ ଗଞ୍ଜାମ ବାର ଆସୋସିଏସନ୍ ଦୀର୍ଘ ବର୍ଷରୁ ଆନ୍ଦୋଳନ କରିଆସୁଛି । କୋରାପୁଟ ଜିଲ୍ଲା ଜୟପୁରରେ ବି ସମାନ ଦାବି ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଆସୁଛି । ଏସବୁ ଭିତରେ ସମ୍ବଲପୁରରେ ପୁଲିସ-ଆଇନଜୀବୀ ମୁହାଁମୁହିଁ ହେବାର ଚିତ୍ର ସାମ୍ନାକୁ ଆସିଛି ।

### ରାଜ୍ୟରେ ଶିକ୍ଷକ ଅଭାବ....

ବିଜ୍ଞାନ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ନ ଥିବା କାରଣରୁ ପିଲା ମାନଙ୍କର ପାଠପଢା ବାଧା ପ୍ରାପ୍ତ ହେଉଛି । ଜଣେ ଶିକ୍ଷକଙ୍କୁ ଦୁଇ ଦୁଇଟି ସ୍କୁଲରେ ପଢାଇବାକୁ କୁହା ଯାଉଛି । ତେଣୁ ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କ ବ୍ୟବସ୍ଥା ଜିଲ୍ଲା ଭିତରୁ କଲେ ଏହି ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇ ପାରନ୍ତା ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ମନ୍ତ୍ରୀ ଶ୍ରୀ ଅଶୋକ ପଂଡା କହିଛନ୍ତି ଯେ ମଂଜୁରୀ ପ୍ରାପ୍ତ ପଦବୀ ଗୁଡିକ ପୂରଣ କରିବାକୁ ରାଜ୍ୟ ସରକାର ଯତ୍ନଶୀଳ ଅଛନ୍ତି । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ପଦବୀ ପୂରଣ କରା ଯିବା ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି ।

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ସ୍ଥଗିତ ରଖିବାକୁ ପ୍ରାଥମିକ ଶିକ୍ଷକ ସଂଘ ନିଷ୍ପତି ନେଇଛି। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ପରେ ଆସନ୍ତା ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତି ନେଇଛି ଶିକ୍ଷକ ସଂଘ। ଶିକ୍ଷକ ସଂଘର ନିଷ୍ପତି ପୂର୍ବରୁ ବୁଧବାର ଅପରାହ୍ନରେ ପ୍ରାଥମିକ ଶିକ୍ଷକ ସଙ୍ଘ ଏବଂ ସରକାରଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତି ଅନୁସାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ଉନୟନ କମିଶନର, ଅର୍ଥ ବିଭାଗ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବ ରହିବେ। ଏହି କମିଟି ଆସନ୍ତା ଡିସେମ୍ବର ୧୬ ତାରିଖରୁ ୨୦ ତାରିଖ ମଧରେ ଶିକ୍ଷକଙ୍କ ଦାବି ନେଇ ଆଲୋଚନା କରିବ ଏବଂ ନିଷ୍ପତି ନେବ। ତେବେ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନରୁ ହଟିବେ କି ନାହିଁ ସଙ୍ଘର ଷ୍ଟିୟରିଂ କମିଟିରେ ନିଷ୍ପତି ନିଆଯିବ। ସୂଚନାଯୋଗ୍ୟ, ଗତ ରବିବାର ଦିନ ଠାରୁ ଶିକ୍ଷକମାନେ ୩ଦଫା ଦାବି ନେଇ ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ଧାରଣା ଦେଇଛନ୍ତି। ରାଜ୍ୟର ଲକ୍ଷାଧିକ ପ୍ରାଥମିକ ଶିକ୍ଷକ ଗୁରୁବାରଠାରୁ ସାମୂହିକ ଛୁଟିରେ ଯିବେ ବୋଲି ଧମକ ଦେଇଥିଲେ। ପିଲାଙ୍କ ପାଠପଢ଼ାରେ ଯେଉଁ କ୍ଷତି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଶିକ୍ଷକମାନେ କହିଥିଲେ। ସୋମବାର ଗଣଶିକ୍ଷା ସଚିବ ଅଶ୍ୱସ୍ତି ଏସ୍‌ଙ୍କ ସହ ଆଲୋଚନା ବିଫଳ ହୋଇଥିବା ବେଳେ ମଙ୍ଗଳବାର ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କ ସହ ଆଲୋଚନା ମଧ ଫଳପ୍ରଦ ହୋଇପାରି ନ ଥିଲା।

## ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବିଶ୍ୱନାଥ ବିଶ୍ୱାଳଙ୍କ ବିୟୋଗ

ବସ୍ତା, ୩୦/୧୧ (ନି.ପ୍ର): ବସ୍ତା ବ୍ଲକ ଅଧିନସ୍ଥ ନାବରା ପଞ୍ଚାୟତ ଜମାଲପୁର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବିଶ୍ୱନାଥ ବିଶ୍ୱାଳ ଙ୍କ ମଙ୍ଗଳବାର ସଂନ୍ଧ୍ୟାରେ ହୃଦ୍ ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସେ ଜଣେ ସରଳ, ମିଷ୍ଟଭାଷୀ, ପରୋପକାରୀ, ସୁସାହିତ୍ୟିକ, ଅନୁଷ୍ଠାନପ୍ରେମୀ ଓ ସମାଜସେବୀ ଥିଲେ । ନାଟ୍ୟକାର ରଘୁନାଥ ବିଶ୍ୱାଳଙ୍କ ସାନଭାଇ ତଥା ଜଣେ ଆଦର୍ଶ ଶିକ୍ଷକ ଭାବେ ସ୍ୱର୍ଗତ ବିଶ୍ୱାଳ ଏ ଅଂଚଳରେ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନାବରା ସରପଞ୍ଚ ଡା. ନଗେନ୍ଦ୍ର ସିଂହ, ବିଜୟ ସାମଲ, ବ୍ରଜ ମୋହନ ମିଶ୍ର, ଗୋପନାରାୟଣ ଜେନା, ଗଦାଧର ମହାନ୍ତି, ରଥ ଗିରି,



ମନ୍ମଥ ଦାସ, କେଶବ ମିଶ୍ର ପ୍ରମୁମ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ମରଶରୀରକୁ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଡପୁଅ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଏବଂ ସାନପୁଅ ହିମାଂଶୁ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ଜମାଲପୁର ସମେତ ଆଖ ପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ପୁରୀରେ ୧ ଏକର ଜାଗା ଓ ୩ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): କୁଲତା ସମାଜର ଲୋକମାନଙ୍କ ସୁବିଧା ପାଇଁ ପୁରୀରେ ଏକ ଧର୍ମଶାଳା ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏକ ଏକର ଜମି ମଞ୍ଜୁର କରିଛନ୍ତି। ପୁରୀର ସୁନାମୁହିଁ ମଉଜାରେ ଏହି ଜମି ଦିଆଯିବ। ଏହା ସହିତ ପ୍ରସ୍ତାବିତ ଧର୍ମଶାଳା ପାଇଁ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ମଧ ମୁଖ୍ୟମନ୍ତ୍ରୀ ୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରତିବର୍ଷ କୁଲତା ସମାଜର ଲକ୍ଷାଧିକ ଲୋକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସିଥାନ୍ତି । ସେମାନଙ୍କ ରହଣି ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମ ନିମନ୍ତେ ଏକ ଧର୍ମଶାଳା ପ୍ରତିଷ୍ଠା ପାଇଁ ଜମି ଯୋଗାଇ ଦେବାକୁ କୁଲତା ସମାଜର ଏକ ପ୍ରତିନିଧି ଦଳ ଗତ ୨୮ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ଏଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା କୁଲତା ସମାଜର ଜନସାଧାରଣ ପୁରୀରେ ରହିବା ସହିତ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମଧ କରିପାରିବେ ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**Tender Notice No. : e-Tender/2022/49, Date: 29.11.2022.** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର୍ ଡିଇଇ/ ଜି/ଖଡ଼ଗପୁର-୭୨୧୩୦୧ ଦ୍ୱାରା ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଛନ୍ତି । ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ **୧୫.୦୦**ଘଣ୍ଟା ପୂର୍ବରୁ ଟେଣ୍ଡର ଗ୍ରହଣ କରାଯାଇ **୧୫.୩୦** ଘଣ୍ଟାରେ ଖୋଲାଯିବ । **ଟେଣ୍ଡର ନଂ: ଇ-କେଜିପି-ଦକ୍ଷିଣ -୩୭-୨୦୨୨ । କାର୍ଯ୍ୟର ବର୍ଣ୍ଣନା:** ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟ (i) ୩ ନଂ ପ୍ରଦାନ ସହିତ ସଂପୃକ୍ତ । ଖଡଗପୁର-ଭଦ୍ରକ ବିଭାଗରେ ADEN / BLS ଅଧୀନରେ ଲିଫ୍ଟ (ସୋରୋରେ ୧ ନଂ, ବାଲେଶ୍ୱରରେ ୧ ନଂ ଏବଂ ରୁପସା ଠାରେ ୧ ନଂ।) (ii) ବାଲେଶ୍ୱର : ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ ୨ ନମ୍ବରର କମିଶନ । ବାଲେଶ୍ୱର ଷ୍ଟେସନରେ ଏସ୍କାଲେଟର୍ସ । **ଟେଣ୍ଡର ମୂଲ୍ୟ:** ଟ. ୧,୩୦,୨୬,୪୦୪.୮୦ **ଅମାନତ ଟଙ୍କା :** ଟ. ୨,୧୫,୧୦୦ **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୦. **ଖୋଲିବାର ତାରିଖ:** ୨୪.୧୨.୨୦୨୨ । **କାର୍ଯ୍ୟର ସମାପ୍ତି ସମୟ:** ୧୨ (ବାର) ମାସ । **ବିଡିଂ ଆରମ୍ଭ ତାରିଖ:** ୧୦.୧୨.୨୦୨୨ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୪.୧୨.୨୦୨୨ ରେ ଆଗ୍ରହୀ ଟେଣ୍ଡରଗୁଡିକ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କ ଙ୍କଟ୍ଟକ୍ଳଙ୍ଖ ଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ତୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

**PR : 851**

ଗୁରୁବାର, ଡିସେମ୍ବର ୦୧, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଏଫଏମ୍ କଲେଜ ଓଡ଼ିଆ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ବାଲେଶ୍ୱର, ୩୦/୧୧ (ନି.ପ୍ର): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧିସ୍ନାତକ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକଙ୍କ ପୌରହିତ୍ୟରେ ଦିବସବ୍ୟାପୀ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ଦୀକ୍ଷନ୍ତ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷ ଓ ସମ୍ମାନିତ ଅତିଥି ଭାବେ ଅଧିସ୍ନାତକ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ଉଭୟ ସ୍ନାତକ ଓ ଅଧିସ୍ନାତକ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ପରିଚୟ ଓ ଲକ୍ଷ୍ୟ ସମ୍ପର୍କରେ ଜାଣି ଅତିଥିମାନେ ମାର୍ଗଦର୍ଶନ କରାଇଥିଲେ। ଅଧକ୍ଷ ପ୍ରଫେସର୍ ଘୋଷ୍ ଛାତ୍ରଛାତ୍ରୀଙ୍କୁ ନୀତିନିଷ୍ଠତା, ସରଳତା ଓ ଶୃଙ୍ଖଳା ମନୋଭାବ ପ୍ରଦର୍ଶନ ସକାଶେ ପ୍ରଶଂସା କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବଚନ ପ୍ରଦାନ କରିଥିଲେ। ସେହିପରି ପ୍ରଫେସର ରଞ୍ଜନ କୁମାର ସାହୁ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପ୍ରତିଭା ସ୍ୱତନ୍ତ୍ରତା ବିମଣ୍ଡିତ ଓ ବୈଶିଷ୍ଟ୍ୟପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ନିଜ ବକ୍ତବ୍ୟରେ ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ଅନୁପମ କଳ୍ପନା ଓ ଯୋଜନାର ଫଳପ୍ରସୂ ବୋଲି କହିଥିଲେ। ଜୀବନରେ ସଫଳତା ପାଇଁ ପରସ୍ପର ସାହଚର୍ଯ୍ୟ ଓ ସହଯୋଗ ସହିତ ଦୃଢ଼ପ୍ରତିଜ୍ଞ ହେବା ଆବଶ୍ୟକ ବୋଲି ସେ କହିଁଛ-ଠେକୁଆ ଗପ ମାଧ୍ୟମରେ ପ୍ରକାଶ କରିଥିଲେ। ବିଫଳତା, ପ୍ରତିକୂଳତା ଓ ଅଭାବ ବୋଧ ହିଁ ଜୀବନକୁ ସ୍ୱାଦିଷ୍ଟ କରିଥାଏ ବୋଲି ସେ ମତ ଦେଇଥିଲେ। ଅଧ୍ୟାପିକା ସ୍ମୃତିରେଖା ଚୁଡ଼ୁ, ରଶ୍ମିତା ମହାପାତ୍ର ଓ ନମିତା ବେହେରା ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଇଥିଲେ ଓ କୃତୀ ଛାତ୍ରଛାତ୍ରୀ ହେବାଲାଗି ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଦୀକ୍ଷାନ୍ତ ସମାରୋହରେ ଶ୍ରେଷ୍ଠ ଓଡ଼ିଆ ସ୍ନାତକ ଭାବରେ ଚଳିତ ବର୍ଷ ସର୍ବାଧିକ ନମ୍ବର ରଖିଥିବା ଶୁଭଶ୍ରୀ ପରିଡାଙ୍କୁ ଓ ଅଧିସ୍ନାତକ ଓଡ଼ିଆ ବିଭାଗରେ ଶ୍ରେଷ୍ଠ କୃତୀ ଛାତ୍ରୀ ଅପର୍ଣ୍ଣା ଦଉଙ୍କୁ ଏଥିରେ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରଶ୍ନୋତ୍ତରୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୨ରେ କେନ୍ଦ୍ରମନ୍ତ୍ରୀ ବାଣ୍ଟିବେ ଭିନ୍ନକ୍ଷମ ଉପକରଣ



ବାଲେଶ୍ୱର, ୩୦/୧୧ (ନି.ପ୍ର): ବ୍ୟକ୍ତିଗତ ପ୍ରଚେଷ୍ଟାରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଜିଲାର ଭିନ୍ନକ୍ଷମ ବ୍ୟକ୍ତିଙ୍କ ବ୍ୟବହାର ପାଇଁ ଉପକରଣ ଓ କୃତ୍ରିମ ଅଙ୍ଗ ପ୍ରଦାନ ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରାଳୟ ପକ୍ଷରୁ ୧.୮ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିପାରିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୁଧବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଓ ରାଷ୍ଟ୍ର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସବକା ସାଥ, ସବକା ବିକାଶ ସବକା ପ୍ରୟାସ ଓ ସବକା ବିଶ୍ୱାସକୁ ମୂଳମନ୍ତ୍ର ଧରି କେନ୍ଦ୍ର ସରକାର ବିକାଶକୁ ତ୍ୱରାନ୍ୱିତ କରପାରିଛି ବୋଲି ସେ କହିଛନ୍ତି। ବିଶେଷ କରି ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ତାଙ୍କ ପ୍ରଚେଷ୍ଟାରେ ବାଲେଶ୍ୱର ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ କୃତ୍ରିମ ଅଙ୍ଗ ତଥା ସହାୟତା ଉପକରଣ ପାଇଁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରାଳୟ ବାଲେଶ୍ୱର ଜିଲ୍ଲାକୁ ମୋଟ ୧ କୋଟି ୮୧ ଲକ୍ଷ ୧୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏଥପାଇଁ ସେ କେନ୍ଦ୍ର ସାମାଜିକ ନ୍ୟାୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆସନ୍ତା ଡିସେମ୍ବର ୨ ତାରିଖରେ ବାଲେଶ୍ୱର ଗସ୍ତରେ ଆସୁଥିବା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ଏ ନାରାୟଣ ସ୍ୱାମୀ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଅୟୋଜିତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏହି ସହାୟତା ବଣ୍ଟନ କରିବେ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତାରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ୯୪ ଜଣ ଓ ବସ୍ତାର ୧୨୫ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ 'ହୁଇଲ ଚେୟାର, ତିନି ଚକିଆ ସାଇକଲ ଓ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯିବ। ଏହାଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତି ସ୍ୱାବଲମ୍ବୀ ହେବା ସହ ସେମାନଙ୍କ ମନରେ ଏକ ସକାରାତ୍ମକ ଉର୍ଜା ସୃଷ୍ଟି ହେବ। ଆଗାମୀ ଦିନରେ ବାଲେଶ୍ୱର ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭିନ୍ନକ୍ଷମ ମାନଙ୍କୁ ଏଭଳି ସହାୟତା ଉପକରଣ ଏବଂ କୃତ୍ରିମ ଅଙ୍ଗ ବର୍ଣ୍ଟିବେ ବୋଲି ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି।

# ନଡ଼ା ଛପରର ଗ୍ରାମ ବଳଭଦ୍ରପୁର



ଉଦଳା, ୩୦/୧୧ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମଟି ନଡ଼ାଛପରର ଗ୍ରାମ ଭାବରେ ସବୁଠି ପରିଚିତ । କାରଣ ସ୍ୱାଧୀନତାର ଦିର୍ଘ ୭୫ ବର୍ଷ ପରେ ମଧ ଏହି ଗ୍ରାମର ୯୦ ପ୍ରତିଶତ ବାସଗୃହ ନଡ଼ା ଛପର ଅଟେ । ଲୋକଙ୍କ ଆର୍ଥିକ ଅବସ୍ଥା ଧିରେ ଧିରେ ସ୍ୱଛଳ ହେବା ସାଙ୍ଗକୁ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବସ ଯୋଜନା ଫଳରେ ବର୍ତ୍ତମାନ ଆଉ ଗାଁ ଗଣ୍ଡା ମାନଙ୍କରେ ନଡ଼ା ଛପର ଘର ଦେଖିବାକୁ ମିଳୁ ନାହିଁ । ଅଥଚ ଏହି ଦୌଡ଼ରେ ବଳଭଦ୍ରପୁର କାହିଁକି ପଛରେ ପଡ଼ିଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । କେହି କେହି ଉକ୍ତ ଗ୍ରାମର ବାସିନ୍ଦା ନଡ଼ା ଛପର ଘରେ ରହିବାକୁ ପସନ୍ଦ କରୁଛନ୍ତି ବୋଲି ମତ ଦେଉଥିବା ବେଳେ ଆଉ କେତେକ ଏପର୍ଯ୍ୟନ୍ତ ସରକାରଙ୍କର ଶୁଭ ଦୃଷ୍ଟି ଏହି ଗ୍ରାମ ଉପରେ ପଡ଼ିନାହିଁ ବୋଲି କହୁଥିବାର ଶୁଣିବାକୁ ମିଳୁଛି ।

# ବିଧାନସଭାରେ ପ୍ରଶ୍ନ ପଚାରିଲେ ସଠିକ୍ ଉତ୍ତର ମିଳୁ ନ ଥିବାରୁ ଉଦ୍‌ବେଗ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ବିଧାନସଭାରେ ଯାହା ପ୍ରଶ୍ନ ପଚାରା ଯାଉଛି ତାର ସଠିକ ଉତର ମିଳୁ ନାହିଁ । ଅନେକ ସମୟରେ ଭୁଲ ସୂଚନା ମିଳୁଛି । ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଠାରୁ ବିଧାୟକ ମାନଙ୍କୁ ଯେଉଭଳି ପ୍ରଟେକ୍ସନ ମିଳିବା କଥା ତାହା ମଧ୍ୟ ମିଳୁ ନାହିଁ ବୋଲି ଉଦବେଗ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ଏହା ସହ ସେ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ଆଜି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଛନ୍ତି ଯେ ସେ ଗତ ୨୪ ତାରିଖ ଦିନ ଏକ ପ୍ରଶ୍ନ କରିଥିଲେ ଯେ ଭୂମିହୀନ ଚାଷୀଙ୍କ ସଂଜ୍ଞା କଣ । ହେଲେ ଯେତେବେଳେ ପ୍ରଶ୍ନର ଉତର ଆସିଲା ସେଥିରେ ଉଲ୍ଲେଖ ଥିଲା ଯେ ଭୂମି ହୀନ ବ୍ୟକ୍ତିଙ୍କ ସଂଜ୍ଞା ଆଇନ ଅନୁସାରେ ରହିଛି । ଶ୍ରୀ ମିଶ୍ର କହିଥିଲେ ଯେ ସେ ଭୁମିହୀନ ଚାଷୀଙ୍କ ବିଷୟରେ ପଚାରିଥିଲେ ହେଲେ ବିଭାଗୀୟ ମନ୍ତ୍ରୀ ଏହାର ଉତର ଦେବା ପରିବର୍ତେ ଭୂମିହୀନ ବ୍ୟକ୍ତିଙ୍କ ବିଷୟରେ କହିଲେ । ଏଭଳି ହେଲେ ପ୍ରଶ୍ନ ପଚାରିବାର କଣ ଲାଭ ରହିଛି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ସେହିପରି ସେ ସ୍ୱାସ୍ଥ୍ୟ ବିଭାଗ ଠାରୁ ଚୁଡାପାଲୀ ଡାକ୍ତରଖାନାରେ ଅନୁମୋଦିତ ପୋଷ୍ଟ ଓ କେତେ ଜଣ ଡାକ୍ତର ବର୍ତମାନ ଅଛନ୍ତି ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଉତର ଆସିଲା ସେଥିରେ କୁହାଗଲା ଯେ ଏହି ହସପିଟାଲରେ ମଂଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୧୫ । ୧୨ ଜଣ ବର୍ତମାନ ଅଛନ୍ତି । ହେଲେ ଉକ୍ତ ଡାକ୍ତରଖାନା ସହ କଥାବାର୍ତା କଲା ପରେ ଜଣା ପଡିଲା ଯେ ମୋଟ ୪ ଜଣ ଡାକ୍ତର ସେଠାରେ ଅଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଏଭଳି ଉତର ମିଳିଲେ କଣ ସେ ପ୍ରିଭିଲେଜ ମୋସନ ଆଣିବେ । ସେ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କୁ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ ।

# କାଠ ଭର୍ତ୍ତି ପିକ୍ ଅପ୍ ଗାଡ଼ି ଜବତ୍



ନୀଳଗିରି, ୩୦/୧୧ (ନି.ପ୍ର): କୁଳଡିହା ବନବିଭାଗ ଦ୍ୱାରା ସିଆଡ଼ିମାଳ ରାସ୍ତାର ଶନି ମନ୍ଦିର ନିକଟରେ ଏକ କାଠ ବୋଝେଇ ପିକଅପ୍‌କୁ ଜବତ କରିଛି । ପ୍ରାପ୍ତ ସୂଚନା ଅନୁସାରେ ଏକ ପିକଅପ୍ (ଡବ୍ଲୁ.ବି.-୩୧-୪୦୯୨) ଗାଡ଼ିରେ ଆମ୍ବ, ଡୁଡୁରା, କଇମ ଆଦି କାଠଗଣ୍ଡି ୫୩.୧୨ ସିଫ୍ଟ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫୩ହଜାର ହେବ ବୋଲି କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା ସୂଚନା ଦେଇଛନ୍ତି । ଜବତ ଗାଡ଼ିଟିକୁ କୁଲଡିହା ରେଞ୍ଜ ଅଫିସ ଠାରେ ରଖାଯାଇଛି । ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି । ଏଡି ଚଢ଼ାଉରେ କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା, ପଂଚଲିଙ୍ଗେଶ୍ୱର ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ଗଣେଶ୍ୱର ବିଶ୍ୱାଳ ସାମିଲ ଥିଲେ ।

# ପିଓକେ ଫେରାଇ ନେବା ସଂସଦର ସଂକଳ୍ପ : ରାଜନାଥ ସିଂହ

ଅହମ୍ମଦାବାଦ, ୩୦/୧୧ (ନି.ପ୍ର): କେନ୍ଦ୍ର ରକ୍ଷାମନ୍ତ୍ରୀ ରାଜନାଥ ସିଂହ ବୁଧବାର ଦିନ ଅହମ୍ମଦାବାଦରେ ପାକ୍ ଅଧିକୃତ କାଶ୍ମୀର(ପିଓକେ) ଫେରାଇ ନେବା କଥାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ ପିଓକେକୁ ଫେରସ୍ତ ନେବା ସଂସଦର ସଂକଳ୍ପ ଅଟେ। ପିଓକେର ଖରାପ ପରିସ୍ଥିତି ବିଷୟରେ କହି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ସେଠାର ଲୋକ ପାକିସ୍ତାନ ବିରୋଧ ଅଟେ। ଗୁଜୁରାଟ ନିର୍ବାଚନ ସମ୍ବନ୍ଧରେ ସେ କହିଛନ୍ତି ଯେ ଭାଜପା ରେକର୍ଡ଼ ମତୋଙ୍କ ସହିତ ଜିତ୍ ହାସିଲ କରିବ। କେନ୍ଦ୍ରମନ୍ତ୍ରୀ ରାଜନାଥ ଗୁଜରାଟ ବିଧାନସଭା ନିର୍ବାଚନ ସମୟରେ ଏକ ନିର୍ବାଚନୀ ସଭାରେ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୁଳନା ରାବଣ ସହିତ କରିବା ଉପରେ କଂଗ୍ରେସର ଆଲୋଚନା କରିଥିଲେ। ସେ କହିଛନ୍ତି ଯେ କଂଗ୍ରେସ ଅପଶବ୍ଦର ପ୍ରୟୋଗ କରୁଛି।

# ଉନ୍ନତ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟିର ଆଲୋଚନା

ବାଲେଶ୍ୱର, ୩୦/୧୧ (ନି.ପ୍ର): ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧିଦଳ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ କରି ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସଂପର୍କରେ ଆଲୋଚନା କରିଛନ୍ତି। ମଞ୍ଜୁରୀପ୍ରାପ୍ତ ଆୟୁଷ ହସପିଟାଲ, ନର୍ସିଂକଲେଜ୍ ଓ ଫାର୍ମାସିଷ୍ଟ କଲେଜ୍ ନିର୍ମାଣ କାର୍ଯ୍ୟ, ଏମ୍ସ ହସପିଟାଲର ବହିର୍ବିଭାଗକୁ ସାତଦିନ କାର୍ଯ୍ୟକ୍ଷମ କରିବା ଓ ମେଡିକାଲ୍ କଲେଜ ରୋଗୀ କଲ୍ୟାଣ ସମିତିରେ କ୍ରିୟାନୁଷ୍ଠାନ କମିଟିର ଦୁଇଜଣ ପ୍ରତିନିଧିଭ୍‌କୁ ସଦସ୍ୟ ଭାବେ ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ସହ ଏଥିପାଇଁ ଆଲୋଚନା କରିବେ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ କ୍ରିୟାନୁଷ୍ଠାନ କମିଟିର ସଭାନେତ୍ରୀ ମମତା ମହାପାତ୍ରଙ୍କ ସମେତ ନିରଞ୍ଜନ ପରିଡ଼ା, ନିରଞ୍ଜନ ରାଉତ, ସୀତାରାମ ପ୍ରଧାନ ପ୍ରମୁଖ ସାଂସଦଙ୍କୁ ସାକ୍ଷାତ କରିଥିଲେ।

# ରାଷ୍ଟ୍ରୀୟ ଅଙ୍ଗଦାନ ଦିବସ ପାଳିତ

## ଜୀବନ ଥିବା ବେଳେ ରକ୍ତଦାନ, ଜୀବନ ଗଲାପରେ ଅଙ୍ଗଦାନ




ଉଦଳା, ୩୦/୧୧ (ନି.ପ୍ର): ମନୁଷ୍ୟ ମୃତ୍ୟୁବରଣ କଲାପରେ ତାର ମୃତ ଶରୀରକୁ ନିଆଁରେ ପୋଡ଼ି ଦିଆଯାଉଛି କିମ୍ବା ମାଟିରେ ପୋତି ଦିଆଯାଉଛି । କିନ୍ତୁ ମେଡ଼ିକାଲ କଲେଜ ମାନଙ୍କରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନେ ଜ୍ଞାନ ଆହରଣ ପାଇଁ ମୃତ ଶରୀରଟିଏ ପାଆନ୍ତି ନାହିଁ । ତାହାଛଡ଼ା ମୃତ ଶରୀରର କେତେ ଗୁଡ଼ିଏ ଅଙ୍ଗ ଅନ୍ୟର କାମରେ ଲାଗେ । ତେଣୁ ମୃତ ଶରୀରକୁ ନିଆଁରେ ପୋଡ଼ି କିମ୍ବା ମାଟିରେ ପୋତି ନଷ୍ଟ ନକଲେ ଦାନ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନଭେମ୍ବର ୨୭ ତାରିଖ ରବିବାର ଦିନ ଇନରହ୍ୱିଲ କ୍ଲବ ଉଦଳା ତରଫରୁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ଏହି ଶୋଭା ଯାତ୍ରାର ନେତୃତ୍ୱ ନେଇଥିବାବେଳେ ମିନାକ୍ଷୀ ମହାନ୍ତି, ମମତା ମହାନ୍ତି, ମମତା ସାହୁ, ରାଜଲକ୍ଷ୍ମୀ ଦାସ, ଗୀତାଶ୍ରୀ ରାୟ, ସୁଜାତା ବିଶ୍ୱାଳ, ଅନୁପମା ମହାପାତ୍ର, ଦିଗବାଳା ପରିଡ଼ା, ଉର୍ମିଳା ମହାନ୍ତି, ପେମଲତା ପଣ୍ଡା, ଜୟଶ୍ରୀ ଚୌଧୁରୀ, ସରିତା ରାଉତ, ସୁବାସିନି ବେହେରା, ରଶ୍ମିତା ପଣ୍ଡା, ପୁଷ୍ପଲତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ପଞ୍ଜାବ ପୋଲିସ୍ ଏବଂ ବିଏସ୍ଏଫ୍ ଫିରୋଜପୁର ସୀମାରୁ ଧରିଲେ ଅସ୍ତ୍ରଶସ୍ତ୍ର

ଚଣ୍ଡୀଗଡ଼, ୩୦/୧୧ (ନି.ପ୍ର): ପଞ୍ଜାବ ପୋଲିସ୍ ବିଏସ୍ଏଫ୍ ସହିତ ମିଶି ସର୍ଚ୍ଚ ଅପରେଶନ ଚଲାଇ ଭାରତ-ପାକିସ୍ତାନ ସୀମାରୁ ସଟେ ଫିରୋଜପୁର ଅଂଚଳରୁ ଅସ୍ତ୍ରଶସ୍ତ୍ର ଜବତ କରିଛି । ପୋଲିସ୍ ଏହି କାର୍ଯ୍ୟାନୁଷ୍ଠାନ ନିକଟରେ ଜବତ କରିଥିବା ହେରୋଇନ୍ ପରେ କରିଛି। ପଞ୍ଜାବ ପୋଲିସ୍ ମହାନିର୍ଦ୍ଦେଶକ ଗୌରବ ଯାଦବ ଟ୍ୱିଟ୍ କରି କହିଛନ୍ତି ଯେ ପୋଲିସ୍ ତଥା ବିଏସ୍ଏଫ୍ ଦ୍ୱାରା ମିଶି ଅପରେଶନ ଚାଲୁରହିଛି।

# କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା : ଡ଼ିସେମ୍ବର ୧୨ ରେ ପାର୍ଲିଆମେଣ୍ଟ ଘେରିବ କୁଡୁମୀ ସେନା




ବାରିପଦା, ୩୦/୧୧ (ନି.ପ୍ର): ବିଗତ ୧୯୫୦ ମସିହା ସେପ୍‌ଟେମ୍ବର ୬ ତାରିଖ ଦିନ ଠାରୁ ଆଦିବାସୀ ମାନ୍ୟତା ହରାଇଥିବା କୁଡୁମୀ ଜାତି କୁ ଆଦିବାସୀ ବର୍ଗ ରେ ପୁନଃ ଅନ୍ତର୍ଭୁକ୍ତ କରିବା ଦାବି ରେ ଆସନ୍ତା ଡ଼ିସେମ୍ବର ୧୨ ତାରିଖ ରେ କୁଡୁମୀ ସେନା ପକ୍ଷ ରୁ ପାର୍ଲିଆମେଣ୍ଟ ଘେରାଓ କରାଯିବ ବୋଲି ଜଣାଯାଇଛି ।କୁଡୁମୀ ସେନା ର ପ୍ରତିଷ୍ଠାତା ଅଧକ୍ଷ ଶ୍ରୀ ଜୈମୁନୀ କୁମାର ମହାନ୍ତ ଏ ନେଇ ବାରିପଦା ଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି । ଏହି ଘେରାଓ କାର୍ଯ୍ୟକର୍ମ ରେ ଓଡିଶା ସମେତ ଝାରଖଣ୍ଡ ଏବଂ ପ. ବଙ୍ଗ ର କୁଡୁମୀ ଜନ ସାଧାରଣ ମଧ ଅଂଶ ଗ୍ରହଣ କରିବେ ବୋଲି ଶ୍ରୀ ମହାନ୍ତ କହିଛନ୍ତି । ଏହି ପରିପେକ୍ଷୀ ରେ ଆଜି ବାରିପଦା ଠାରେ ଉକ୍ତ ତିନୋଟି ରାଜ୍ୟ ର କୁଡୁମୀ ଆନ୍ଦାଳନକାରୀ ମାନଙ୍କ ର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଶ୍ରୀ ଜୈମୁନୀ କୁମାର ମହାନ୍ତ ଅଧକ୍ଷତା କରିଥିବା ବେଳେ ଝାରଖଣ୍ଡ କୁଡୁମୀ ସେନା ର ଅଧକ୍ଷ ଶ୍ରୀ ଲାଲଟୁ ମାହାତୋ, ପ. ବଙ୍ଗ କୁଡୁମୀ ସମାଜ ଅଧକ୍ଷ ରାଜେଶ ମାହାତୋ ପ୍ରମୁଖ ଙ୍କ ସମେତ କୁଡୁମୀ ନେତା ସ୍ନେହାଶିଷ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ମନୋଗୋବିନ୍ଦ ମହାନ୍ତ, ଘନ ମହାନ୍ତ, ଗୁଲସନ ମହାନ୍ତ, ଗୋବିନ୍ଦ ମହାନ୍ତ, ଖିରୋଦ ମହାନ୍ତ, ସୁମନ୍ତ ମହାନ୍ତ, ବିପିନ ମହାନ୍ତ, ଶିବାଜୀ ମହାନ୍ତ, ଓ ରାଜୁ ମହାନ୍ତ ଯୋଗ ଦେଇଥିଲେ । ପାର୍ଲିଆମେଣ୍ଟ ଘେରାଓ କାର୍ଯ୍ୟକର୍ମ ରେ ଓଡିଶାରେ ବସବାସ କରିଥିବା କୁଡୁମୀ ଭାଇ ଭଉଣୀ ମାନେ ବହୁ ସଂଖ୍ୟା ରେ ଅଂଶ ଗ୍ରହଣ କରିବାକୁ ଉକ୍ତ ସମ୍ମିଳନୀ ଜରିଆ ରେ ଶ୍ରୀ ଜୈମୁନୀ କୁମାର ମହାନ୍ତ ନିବେଦନ କରିଥିଲେ ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo